# ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ରକ୍ତଦାନ ଶିବିର



ରାୟଗଡ଼ା,୮।୪(ସମିସ): ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁବ ରେଡକ୍ରସ୍, ଏନ୍‌ସିସି ଓ ଜାତୀୟ ସେବା ଯୋଜନା ଶାଖାର ମିଳିତ ପ୍ରୟାସରେ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧକ୍ଷା ଡ. ସରସ୍ୱତୀ ରାୟ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପିଜି କାଉନସିଲ୍ ଚେୟାରମ୍ୟାନ୍ ପି. ଅରୁଣ କୁମାର, ଆକାଉଣ୍ଟ ବର୍ସାର ସୁବ୍ରତ କୁମାର ପ୍ରଧାନ, ଏନ୍‌ସିସି ଅଧିକାରୀ ଲେଫ୍ଟନେଣ୍ଟ ଉଦୟ ନାୟକ, କେ.କେ. ଜାନି, ଯୁବ ରେଡକ୍ରସ୍ ଜିଲ୍ଲା ସଂଯୋଜକ ଟିକେଶ୍ୱର ମାଝୀ, ପ୍ରିୟଦର୍ଶିନୀ ବଳ, ଜାତୀୟ ସେବା ଯୋଜନା ଅଧିକାରୀ ଶଙ୍କର ପେଦୁରୁ ଓ ମୋନାଲିସା ପାଣିଗ୍ରାହୀ ଉପସ୍ଥିତ ଥିଲେ। ଅଧକ୍ଷା ଡ. ରାୟ ତାଙ୍କ ଅଭିଭାଷଣରେ ରକ୍ତଦାନର ମହତ୍ତ୍ୱ ବିଷୟରେ ଉଲ୍ଲେଖ କରି ସମସ୍ତଙ୍କୁ ଏହି କାର୍ଯ୍ୟରେ ଯୋଗ ଦେବାକୁ ପ୍ରୋତ୍ସାହିତ କରିଥିଲେ। ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଚିକିତ୍ସକ ଦଳଙ୍କ ସହଯୋଗରେ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଶିବିରରେ ସମୁଦାୟ ୨୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ରକ୍ତଦାତାମାନଙ୍କୁ ପ୍ରମାଣପତ୍ର ଏବଂ ବେଦାନ୍ତ ପକ୍ଷରୁ ପାଣି ବୋତଲ ପ୍ରଦାନ କରାଯାଇଥିଲା। ୱାଇଆରସି, ଏନସିସି ଓ ଏନଏସଏସର ସ୍ୱେଚ୍ଛାସେବୀମାନେ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ। ରକ୍ତଦାନ ଶିବିର ମାଧ୍ୟମରେ ଛାତ୍ରଛାତ୍ରୀ ଓ କର୍ମଚାରୀମାନଙ୍କ ମଧ୍ୟରେ ସାମାଜିକ ସଚେତନତା ଓ ସେବାମୂଳକ ମନୋଭାବ ଆହୁରି ଜୋରଦାର ହୋଇଥିବା ଦେଖାଯାଇଛି।

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଛାତ୍ର ଅଶାନ୍ତି

## ୯ ଦଫା ଦାବି ନେଇ ଛାତ୍ରଛାତ୍ରୀଙ୍କ ଧାରଣା



ସୁନାବେଡ଼ା,୮।୪ (ସମିସ): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ବିଭିନ୍ନ ସମସ୍ୟା ନେଇ ଅନୁସୂଚିତ ଜାତି ଓ ଜନଜାତି ଛାତ୍ର ମାନେ ସୁନାବେଡ଼ା ସ୍ଥିତ ମୁଖ୍ୟ କ୍ୟାମ୍ପସ ଗେଟ୍ ସମ୍ମୁଖରେ ଧାରଣାରେ ବସିଛନ୍ତି। ମୁଖ୍ୟ ଦଫା ଦାବି ହେଲା ବିଶ୍ୱବିଦ୍ୟାଳୟରେ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ଫି' ଛାଡ଼ରେ ସଂରକ୍ଷଣ କାର୍ଯ୍ୟକାରୀ ନ କରିବା, ବକେୟା ମେସ୍ ଦେୟ ଯୋଗୁଁ ଆର୍ଥିକ ସଙ୍କଟ, ଡକ୍ଟର ଆମ୍ବେଦକର ଉତ୍କର୍ଷ କେନ୍ଦ୍ରର କାର୍ଯ୍ୟ କ୍ଷମତା ନ ଥିବା, କୌଣସି ହଷ୍ଟେଲରେ ରହିବାର ବ୍ୟବସ୍ଥା କରାଯାଇ ନାହିଁ, ଓରିଏଣ୍ଟେସନ୍, ଇଣ୍ଡକ୍ସନ୍ କାର୍ଯ୍ୟକ୍ରମର ଅନୁପସ୍ଥିତି , ଅନୁସୂଚିତ ଜାତି,ଜାତୀୟ ଓବିସି ଛାତ୍ର ସଂଗଠନକୁ ସ୍ୱୀକୃତି ନ ଦେବା, ଅନୁସୂଚିତ ଜାତି, ଜାତୀୟ ନିଯୁକ୍ତିରେ ବ୍ୟାକ୍‌ଲଗ୍; ଅନୁସୂଚିତ ଜାତି, ଜାତୀୟ ଶିକ୍ଷକ ଏବଂ ଅଣ-ଶିକ୍ଷକ ପଦବୀରେ ଏକ ଗୁରୁତର ବ୍ୟାକ୍‌ଲଗ୍ ରହିଛି। ଉତ୍ସର୍ଗୀକୃତ ଛାତ୍ରାବାସ ସୁବିଧାର ଅଭାବ; ପ୍ରଶାସନରେ ଅପର୍ଯ୍ୟାପ୍ତ ପ୍ରତିନିଧିତ୍ୱ ପରି ବିଭିନ୍ନ ୧୯ ଦଫା ଦାବି ନେଇ ଆନ୍ଦୋଳନ କରିଥିଲେ। ଏହାର ସମାଧାନ ନହେଲେ ଜିଲ୍ଲାପାଳଙ୍କ ପାଖକୁ ଯିବେ ଏବଂ ବଡ଼ ଧାରଣ ଆନ୍ଦୋଳନ ହେବ। ପଟ୍ଟାଙ୍ଗୀ ବିଧାୟକ ରାମ ଚନ୍ଦ୍ର କାଡ଼ାମ, କଂଗ୍ରେସ ଜିଲ୍ଲା ସଭାପତି ରୂପକ ତୁରୁକ୍, ପୂର୍ବତନ ବିଧାୟକ ନିମାଇ ସରକାର ଉପସ୍ଥିତ ରହି ଛାତ୍ର ମାନଙ୍କ ନ୍ୟାର୍ଯ୍ୟ ଦାବିକୁ ସମର୍ଥନ କରିଥିଲେ।

**● ନଦୀରେ ମାଛ ମଡ଼କ ଘଟଣା**

# ସ୍ଥିତି ଅନୁଧ୍ୟାନ କଲେ ବ୍ଲକ୍ ମତ୍ସ୍ୟ ଅଧିକାରୀ

ପୋଡ଼ାଗଡ଼, ୮।୪(ସମିସ): କୋରାପୁଟ-ରାୟଗଡ଼ା ୩୨୬ନଂ ଜାତୀୟ ରାଜପଥ ବଙ୍ଗଳାଗୁଡା ଓ ଲେନ୍ଦ୍ରିମାଳି ଗୁଡା ମଝିରେ ଥିବା ଚବେରି ନଦୀରେ ମାଛ ମଡ଼କ ନେଇ ଗତକାଲି 'ସକାଳ'ରେ ଖବର ପ୍ରକାଶିତ ହୋଇଥିଲା। ଏହି ଖବର ଦେଖି ତୁରନ୍ତ ଉକ୍ତ ନଦୀକୁ ଯାଇ ବ୍ଲକ ମତ୍ସ୍ୟ ଅଧିକାରୀ ସ୍ଥିତି ଅନୁଧ୍ୟାନ କରି ଥିବା କହିଛନ୍ତି। ଏହି ନଦୀରେ ବିଷାକ୍ତ ପାଣି ମିଶୁଥିବାରୁ ମାଛ ମାନଙ୍କର ମୃତ୍ୟୁ ହୋଇଥିବା କହିଛନ୍ତି। ଜିଲ୍ଲା ପଲ୍ୟୁସନ କଣ୍ଟ୍ରୋଲ ବୋଡ ପାଣିକୁ ପରୀକ୍ଷା କଲେ ମାଛ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି କହିଛନ୍ତି। କିନ୍ତୁ ଯେ ପର୍ଯ୍ୟନ୍ତ କାରଣ ଜଣା ପଡ଼ିବ ନାହିଁ, ସେ ପର୍ଯ୍ୟନ୍ତ ଆଖପାଖ ଗାଁ ଲୋକେ ଭୟଭୀତ ଓ ଆଶଙ୍କାରେ ରହିବେ। ତୁରନ୍ତ ଏହାର ସମାଧାନ ନ କରାଗଲେ ଗୃହପାଳିତ ପଶୁ ସହ ବନ୍ୟ ଜୀବଜନ୍ତୁ ମାନଙ୍କ ପ୍ରତି ବିପଦ ଏଡାଇ ହେବ ନାହିଁ। ଲୋକେ ଜାଣି ନ ପାରି ସେହି ନଦୀର ପାଣି ବ୍ୟବହାର କରିବେ। ଜୀବଜନ୍ତୁଙ୍କୁ ରୋକିବା ସମ୍ଭବ ହେବ ନାହିଁ ବୋଲି କୁହାଯାଉଛି।

# ଡ୍ରେନ୍‌ରେ ପଡି ଯୁବକଙ୍କ ମୃତ୍ୟୁ

ଉମରକୋଟ, ୮।୪ (ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌରପରିଷଦର ୧୨ ନମ୍ବର ୱାର୍ଡ ଅନ୍ତର୍ଗତ ସରସ୍ୱତୀ ଶିଶୁ ମନ୍ଦିର ସମ୍ମୁଖରେ ଥିବା ଏକ ମୁକୁଳା ଡ୍ରେନ୍‌ରେ ପଡି ଗଣେଶ ଭତ୍ରା (୨୫)ଙ୍କର ମୃତ୍ୟୁ ଘଟିଛି। ମୃତକ ଉମରକୋଟର ଡିଏନ୍‌କେ ପିଏଚ୍‌ଡି କଲୋନୀରେ ବସବାସ କରୁଥିବା ବେଳେ ଖଲାସୀ କାମ କରି ଜୀବିକା ନିର୍ବାହ କରୁଥିଲେ। ସୂଚନା ଅନୁସାରେ, ବୁଧବାର ପ୍ରାୟ ସକାଳ ୧୦ଟା ସମୟରେ ଗଣେଶ କୌଣସି କାମରେ ଏହି ରାସ୍ତା ଦେଇ ଯାଉଥିବା ବେଳେ ଅସାବଧାନତାବଶତଃ କିମ୍ବା ଅନ୍ୟ କୌଣସି କାରଣରୁ ରାସ୍ତା ପାର୍ଶ୍ୱରେ ଥିବା ଖୋଲା ଡ୍ରେନ୍‌ରେ ପଡିଯାଇଥିଲେ। ଦୁର୍ଭାଗ୍ୟବଶତଃ ସେ ଡ୍ରେନ୍‌ରୁ ବାହାରି ପାରିନଥିବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ଖବର ପାଇ ଉମରକୋଟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲେ। ଏହା ସହ ଘଟଣା ସମ୍ପର୍କରେ ଅଧିକ ତଦନ୍ତ ଜାରି ରହିଛି ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ସ୍ଥାନୀୟ ଲୋକମାନେ ଏହି ଘଟଣା ପରେ ଖୋଲା ଡ୍ରେନ୍‌ଗୁଡିକୁ ଶୀଘ୍ର ଢାଙ୍କିବା ପାଇଁ ପୌର ପରିଷଦ ପ୍ରଶାସନଙ୍କୁ ଦାବି କରିଛନ୍ତି। ଆଗାମୀ ଦିନରେ ଏପରି ଦୁର୍ଘଟଣା ରୋକିବାରେ ସହାୟକ ହେବ। ଶବ ବ୍ୟବଚ୍ଛେଦ ପରେ ଗଣେଶଙ୍କ ଜନ୍ମ ସ୍ଥାନ କୋଟପାଡ଼ ଥାନା ଅନ୍ତର୍ଗତ ଶଶା ହାଣ୍ଡିକୁ ପଠାଇଥିବା ସୂଚନା ମିଳିଛି।

# ଓଡ଼ିଆ ପକ୍ଷରେ ରକ୍ତଦାନ ଶିବିର



କୁନ୍ଦୁରା, ୮।୪(ସମିସ): କୁନ୍ଦୁରା ସଦର ମହକୁମା ସ୍ଥିତ ବିଜୁ ପଟ୍ଟନାୟକ ସ୍ନାତକ ମହାବିଦ୍ୟାଳୟ ଠାରେ ରେଡକ୍ରସ, ରେଡ ରିବନ କ୍ଲବ, ଜାତୀୟ ସେବା ଯୋଜନା ଏବଂ ଆମ କଲେଜ ଆମ ଗୌରବର ମିଳିତ ଆନୁକୂଲ୍ୟରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହେଇଯାଇଛି। ଏଥିରେ ୩୩ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଶିବିରକୁ ଅଧକ୍ଷ ହୃଦୟ ରଞ୍ଜନ ପଣ୍ଡା, ଜାତୀୟ ସେବା ଯୋଜନା ଜିଲ୍ଲା ସଂଯୋଜକ ସୁଶାନ୍ତ କୁମାର ବେହେରା, ସରପଞ୍ଚ ଲବ ପରଜା ଉଦ୍‌ଘାଟନ କରିଥିଲେ। ଯୁବ ରେଡକ୍ରସ ସଂଯୋଜିକା ରଶ୍ମିତା ପ୍ରଧାନ ଏବଂ ଜାତୀୟ ସେବା ଯୋଜନା ବାଳକ ଓ ବାଳିକା ବିଭାଗର କାର୍ଯ୍ୟକ୍ରମ ଅଧିକାରୀ ରମେଶ ଚନ୍ଦ୍ର ଲେଙ୍କା, ଅଜିତା କୁମାରୀ ପଣ୍ଡା ପରିଚାଳନା କରିଥିଲେ। ଏହି ଅବସରରେ ଜୟପୁର ଜିଲ୍ଲା ମୁଖ୍ୟ ମେଡିକାଲ ରକ୍ତଭଣ୍ଡାରର ସହଯୋଗରେ ମୋଟ ୩୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଅନୁଷ୍ଠାନ ତରଫରୁ ସମସ୍ତ ରକ୍ତଦାତାଙ୍କୁ ସାଧୁବାଦ ଏବଂ କୃତଜ୍ଞତା ଜ୍ଞାପନ ସହ ପ୍ରମାଣ ପତ୍ର ପ୍ରଦାନ କରାଯାଇଛି। ଶିବିରକୁ ମହାବିଦ୍ୟାଳୟର ଅଧାପକ ରବି ଶଙ୍କର ସାହୁ, ଆକାଶ ମହାରଣା, ଆର୍ତ୍ତତ୍ରାଣ ମଣ୍ଡଳ, ଦିବାକର ପଟ୍ଟନାୟକ, ସୀମାଞ୍ଚଳ ଚୌଧୁରୀ, ସ୍ୱାଧୀନ ମିଶ୍ର, ରତ୍ନାକର, ଶିବ ମିନରବାଲିଆ, ଅଁଳା ମିନରବାଲିଆ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଓଡ଼ିଆ ପକ୍ଷରେ ରକ୍ତଦାନ ଶିବିର

## ବିଧାୟକ ଓ ଜିଲ୍ଲାପାଳଙ୍କ ସମେତ ବହୁ ଅଧିକାରୀ ସାମିଲ



ମାଲକାନଗିରି,୮ ।୪(ସମିସ): ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶକ୍ରମେ ସାରା ରାଜ୍ୟରେ ଓଡ଼ିଆ ପକ୍ଷ-୨୦୨୬ ମହାସମାରୋହରେ ପାଳିତ ହେଉଥିବା ବେଳେ, ଏହି ଅବସରରେ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥିତ ଏଫ୍.ଏଲ୍.ସି ହଲ୍ ଠାରେ ଆୟୋଜିତ ଶିବିରକୁ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ଏବଂ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଏହି ଶିବିରରେ ମାଲକାନଗିରି ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ୍ ଏଚ୍., ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ ଏବଂ ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଦୀପ୍ତି ରଞ୍ଜନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ବରିଷ୍ଠ ରାଜସ୍ୱ ସହାୟକ କୁନା ନାୟକ ସହଯୋଗ କରିଥିଲେ। ଶିବିରରେ ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗର କର୍ମଚାରୀ ଓ ସ୍ୱେଚ୍ଛାସେବୀମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ।

# ଗ୍ୟାସ୍ ସିଲିଣ୍ଡର ଜବତ

ତେନ୍ତୁଳିଖୁଣ୍ଟି, ୮।୪(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡା ବ୍ଲକ୍‌ରେ ଗ୍ୟାସ ବ୍ୟବସାୟ ହେଉଥିବା ନେଇ ସୂଚନା ପାଇ ନବରଙ୍ଗପୁର ଜିଲ୍ଲା ଯୋଗାଣ ବିଭାଗ ତରଫରୁ ଖାତିଗୁଡାର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଖାତିଗୁଡାର କେଶରୀ ସେନାପତିଙ୍କ ଘରୁ ୪ଟି ଘରୋଇ ଗ୍ୟାସ୍ ସିଲିଣ୍ଡର, ୫ଟି କମରସିଆଲ ସିଲିଣ୍ଡର ଏବଂ ଗୋଟିଏ ପାଞ୍ଚ କିଲୋ କମରସିଆଲ ଗ୍ୟାସ ସିଲିଣ୍ଡର ଜବତ ହୋଇଛି। ଏହି ଚଢ଼ଉରେ ଅତିରିକ୍ତ ତହସିଲଦାର ସୀମାଞ୍ଚଳ ପାତ୍ର, ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ଗାୟତ୍ରୀ ପଟନାୟକ, ଅତିରିକ୍ତ ସଦର ଜିଲ୍ଲା ଯୋଗାଣ ଅଧିକାରୀ ସଞ୍ଜୁ ପ୍ରଧାନ, ଏସିଏସଓ ପୂର୍ଣ୍ଣଚନ୍ଦ୍ର ଦାସ, ତେନ୍ତୁଳିଖୁଣ୍ଟି ଯୋଗାଣ ନିରୀକ୍ଷକ ରୋହିତ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଜବତ ପରେ ଗ୍ୟାସ ସିଲିଣ୍ଡର ଗୁଡିକୁ ପୁରୁଷୋତ୍ତମ ଗ୍ୟାସ ଏଜେନ୍ସିକୁ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି।

# ଜାତୀୟ ସେବା ଯୋଜନାର ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ

ସେମିଳିଗୁଡ଼ା,୮।୪(ସମିସ): କୋରାପୁଟ ଜିଲ୍ଲାର ସେମିଳିଗଡ଼ା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ଉଭୟ ପୁରୁଷ ଓ ମହିଳା ୟୁନିଟର ପୋଷ୍ୟ ଗ୍ରାମ ଜାନିଗୁଡ଼ ଓ କୋଡ଼ିଗାଁରେ ଆୟୋଜିତ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ଡ. ଝାନସୀ ସିଂହଙ୍କ ତତ୍ତ୍ୱାବଧାନରେ ୭ ଦିନିଆ ଶିବିର ପରିଚାଳନା ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ଓ ସର୍ବୋଦୟ ନେତା କୃଷ୍ଣ ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱେଚ୍ଛସେବୀମାନଙ୍କ ସାମାଜିକ କାର୍ଯ୍ୟରେ ସମ୍ପୃକ୍ତିକୁ ନେଇ ଭୂୟସୀ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥିଭାବେ ପୂର୍ବତନ ଅଧକ୍ଷ ନୀଳାଞ୍ଚଳ ଆଚାର୍ଯ୍ୟ, କାର୍ଯ୍ୟକ୍ରମ ଅଧିକାରୀ ଏ, ସି କଲେଜ ସ୍ମୃତିରଞ୍ଜନ ରାଉତ ଏବଂ ସୀତମ୍‌ର ପ୍ରଶାସନିକ ଅଧିକାରୀ ରଙ୍କଧନ ସାମଲ ଉପସ୍ଥିତ ରହି ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିଥିଲେ। ସ୍ୱତନ୍ତ୍ର ଅତିଥିଭାବେ ଯୋଗ ଦେଇଥିବା ସୁନାବେଡା ପୌର ପରିଷଦର ନଗରପାଳ ଡ.ରାଜେନ୍ଦ୍ର ପାତ୍ର ଦୁଇ ଗ୍ରାମର ଆବଶ୍ୟକତାକୁ ପୂରଣ କରିବା ନିମନ୍ତେ ପ୍ରତିଶୃତି ଦେଇଛନ୍ତି। ସଭାର ଅନ୍ତିମ ପର୍ଯ୍ୟାୟରେ ଶ୍ରେଷ୍ଠ ସ୍ୱେଚ୍ଛାସେବୀମାନଙ୍କୁ ମାନପତ୍ର ଓ ଉପଢୌକନ ଦେଇ ପୁରସ୍କୃତ କରାଯାଇଥିଲା। ସଭା ପ୍ରାରମ୍ଭରେ କାର୍ଯ୍ୟକ୍ରମ ଅଧିକାରୀ ଡ. ରମେଶ କୁମାର ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମ ଅଧିକାରିଣୀ ସ୍ନିଗ୍ଧା ପଟ୍ଟନାୟକ ଧନ୍ୟବାଦ ଦେଇ ସଭାକାର୍ଯ୍ୟ ଶେଷ କରିଥିଲେ। କାର୍ଯ୍ୟକ୍ରମରେ କଲେଜରୁ ଡ଼ ଶୁଭ୍ରାଂଶୁ ସୁନ୍ଦର ଦାସ, ଡ. ଗୀତ ପଟ୍ଟନାୟକ, ଡ. ବିଦ୍ୟୁତ ରାଉତ, ଶ୍ରୀପତି ଗିରି, ରତ୍ନମଣି କଅଁର, ସୁରେଶ ପାଇକରାୟ, ବିଜୟ ଲକ୍ଷ୍ମୀ ଓ ରୋହିଣୀ, ମୁକ୍ତା ଯୋଗ ଦେଇଥିଲେ।

# ୩୩ ଫୁଟ ହନୁମାନ ବିଗ୍ରହ ପ୍ରାଣ ପ୍ରତିଷ୍ଠା ଉତ୍ସବ

ପାପଡାହାଣ୍ଡି,୮।୪(ସମିସ): ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ଭୈରବ ପୋଖରୀ ସମ୍ମୁଖରେ ନିର୍ମାଣ ହୋଇଥିବା ନୂତନ ହନୁମାନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ବହୁ ଆଡମ୍ବର ସହ ପାଳିତ ହୋଇଛି। ନବରଙ୍ଗପୁର ଜିଲ୍ଲା ରାଜପୁରୋହିତ ନରସିଂହ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ୮ ଜଣ ପୁରୋହିତ ନୀତିକାନ୍ତି ପୂଜାର୍ଚ୍ଚନା କରିଥିଲେ। ହନୁମାନ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟକ୍ରମ କର୍ତ୍ତାଭାବେ ବ୍ଲକ ଉପାଧକ୍ଷ ସୁଶାନ୍ତ ବେହେରା ଓ ଜୋସ୍ନାରାଣୀ ବେହେରା ପୂଜାର୍ଚ୍ଚନା ଦାୟିତ୍ୱ ସମ୍ପନ୍ନ କରିଥିଲେ। ସକାଳୁ ଏହି ଅବସରରେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏକ ଶୋଭାଯାତ୍ରାରେ ବାହାରି ଟୁଁରି ନଦୀରୁ ପୂଜାର୍ଚ୍ଚନା କରିବା ପରେ କଳସ ଯାତ୍ରା ଆରମ୍ଭ ହୋଇ ଗ୍ରାମ ପରିକ୍ରମା ପରେ ହନୁମାନ ବିଗ୍ରହ ନିକଟରେ ପହଞ୍ଚିଥିଲା। ଏହା ପରେ ସୂର୍ଯ୍ୟ ପୂଜା, ଅର୍ଘ୍ୟ ଦାନ, ପ୍ରଦୀପ ପ୍ରଜ୍ୱଳନ, ମଣ୍ଡଳାଦୀ ପୂଜା, ମହାସନ, ଜୀବନ୍ୟାସ, ବିଗ୍ରହ ପ୍ରାଣ ପ୍ରତିଷ୍ଠା, ଷୋଡ଼ଶ ଉପଚାର, ବୈଷ୍ଣବାଗ୍ନୀ ସଂସ୍କାର ହବନ କାର୍ଯ୍ୟ, ପୂର୍ଣ୍ଣାହୁତି ପୂଜାର୍ଚ୍ଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡାବୁଗାଁ ବିଧାୟକ ମନହୋର ରନ୍ଧାରୀ, ପୂର୍ବତନ ରାଜ୍ୟସଭା ସାଂସଦ ମୁଜିବୁଲ ଖାନ ଯୋଗ ଦେଇଥିଲେ। ୮ ହଜାରରୁ ଅଧିକ ଭକ୍ତ ଅନ୍ନଭୋଗ ସେବନ କରିଥିଲେ। ମନ୍ଦିର ପରିସରରେ ଚାରିପ୍ରହର ସଂକୀର୍ତ୍ତନ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ରାତ୍ରି ମନରଞ୍ଜନ କାର୍ଯ୍ୟକ୍ରମ ସକାଶେ ଆଦିବାସୀ ନାଟ ପରିବେଷଣ ହୋଇଥିଲା। ହନୁମାନ ବିଗ୍ରହଙ୍କୁ ପୋଟାକୋଟ ଗ୍ରାମର ଭାଲୁ କୁମ୍ଭାର ତିଆରି କରିଥିଲେ। ଡାବୁଗାଁର ତ୍ରିପତି ଜେନା ବିଗ୍ରହଙ୍କୁ ରଙ୍ଗ ଦେଇଥିଲେ। ହନୁମାନ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟକ୍ରମରେ ପ୍ରବୀଣ ସତନାମୀ, ରମେଶ ସତାନାମୀ, ଏ. ମନୋଜ ରାଓ, ହିମାଂଶୁ ବେହେରା, ଭ୍ରମରବର ମହାରଣା, ପୂର୍ଣ୍ଣଚନ୍ଦ୍ର ପାତ୍ରୀ, ସାରଦା ପ୍ରସାଦ ମଲ୍ଲିକ, ସୁକେଶ ବେହେରା, ବଂଶୀଧର ମହାପାତ୍ର, ରଞ୍ଜନ ମହାରଣା, କୁନା ପୂଜାରୀ ପ୍ରମୁଖ ସହଯୋଗ କରିଥିଲେ।

# ଓଡ଼ିଆ ପକ୍ଷ ଅବସରରେ ରକ୍ତଦାନ ଶିବିର



କୋରାପୁଟ,୮।୪(ସମିସ): ଓଡ଼ିଆ ପକ୍ଷ ଅବସରରେ କୋରାପୁଟ ସରକାରୀ ଡିଏଭି ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ୍ , ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଓ ଜାତୀୟ ସେବା ଯୋଜନା ବିଭାଗ ପକ୍ଷରୁ ମିଳିତ ଭାବେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ମହାବିଦ୍ୟାଳୟର ଅଧକ୍ଷ ଦୀପକ କୁମାର ପଟ୍ଟନାୟକ ଏବଂ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲର ରକ୍ତଦାନ କେନ୍ଦ୍ର ଅଧିକାରୀ ଡକ୍ଟର ମଧୁସୂଦନ ବଳିଆରସିଂହ ଶିବିର ଉଦ୍‌ଘାଟନ କରିଥିଲେ। ରକ୍ତଦାନ ଶିବିରରେ ଛାତ୍ରଛାତ୍ରୀ ତଥା ଅଧାପକ ଅଧାପିକାଙ୍କ ସହଯୋଗରେ ୫୩ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ୍ କାଉନସିଲର ଡ. ଲୋପାମୁଦ୍ରା ସ୍ୱାଇଁ ଏବଂ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଅଧିକାରୀ ରାଜିନ୍ଦ୍ର ବରିହା ଶିବିର ପରିଚାଳନା କରିଥିଲେ। ମହାବିଦ୍ୟାଳୟର ଅନ୍ୟ ଅଧାପକ, ଅଧାପିକାଙ୍କ ମଧ୍ୟରେ ଡ. ସୁଶୀଲ କୁମାର ଗଡ଼ନାୟକ, ଡ. ପ୍ରୀତିଧାରା ସାମଲ, ଡ. ଲହରୀ ବେହେରା, ଶ୍ରୀମତି ଡଲି ଚୌଧୁରୀ, ଡ. ଏଲ୍. ସତୀଶ ଆଚାରୀ, ଡ. ଶ୍ରୀଚନ୍ଦନ ମିଶ୍ର, ଡ. ଦୁର୍ଗା ପ୍ରସାଦ ପାଣିଗ୍ରାହୀ, ଅରବିନ୍ଦ ପାତ୍ରୀ, ଅବନୀ ନାୟକ, ଅଜିତ କୁମାର ସେଠୀ, ଡ. ଶୁଭଦର୍ଶିନୀ ପ୍ରଧାନ, ପ୍ରଶାନ୍ତ ସାନ୍ତରା, ଅନୁଧା ସାହୁ, ଶିବାନୀ ପାଲଟାସିଂହ, ଦ୍ୱିତୀକୃଷ୍ଣ ପରିଡ଼ା, ସସ୍ମିତା ସାହୁ, ଭବାନୀ ଦାସ ତଥା ଯୁବ ରେଡ୍‌କ୍ରସ୍ ଓ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ସ୍ୱେଚ୍ଛାସେବୀମାନେ ରକ୍ତଦାନ ଶିବିର ଆୟୋଜନରେ ସହଯୋଗ କରିଥିଲେ।

# ସେମିଳିଗୁଡ଼ା ପଞ୍ଚାୟତ ସମିତି ବୈଠକ



ସେମିଳିଗୁଡ଼ା, ୮।୪ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ବ୍ଲକ୍‌କୁ ଏକ ଉନ୍ନତ ବ୍ଲକ୍ ଗଠନ କରିବା ଲକ୍ଷ୍ୟ ରଖିଛନ୍ତି ପଟ୍ଟାଙ୍ଗୀ ବିଧାୟକ ରାମ ଚନ୍ଦ୍ର କାଡାମ । କୋରାପୁଟ ଜିଲ୍ଲାର ସେମିଳିଗୁଡା ପଞ୍ଚାୟତ ସମିତି ସଭା ଗୃହ ଠାରେ ବୁଧବାର ପଞ୍ଚାୟତ ସମିତି ବୈଠକ ହୋଇଥିଲା। ବ୍ଲକ ଅଧକ୍ଷା ଲିଲି ଅଣ୍ଟା ବିରିଆଙ୍କ ଅଧକ୍ଷତାରେ ସାଂସଦ ପ୍ରତିନିଧି ଜଗତ ରାଇ ଖ୍ରିନ ବୁଡି, ଉପାଧକ୍ଷ ଶିବା ବାଙ୍ଗାରି, ଜିଲ୍ଲା ପରିଷଦ ମୋହନ ଜାନୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜସ୍ମିନ ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବସନ୍ତ କୁମାର ବେହେରା ,ସିଡିପିଓ ବିନୋଦିନୀ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ଏଥିରେ ୧୭ ଗ୍ରାମପଞ୍ଚାୟତର ସରପଞ୍ଚ ଏବଂ ସମିତି ସଭ୍ୟ ସଭ୍ୟା, ପ୍ରତ୍ୟେକ ଭିଭାଗୀୟ ଅଧିକାରୀ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ସମସ୍ୟା ନେଇ ଅଧିକାରୀଙ୍କୁ ଅବଗତ କରିଥିଲେ। ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହ ସରପଞ୍ଚ, ସମତି ମେମ୍ବର ବୈଠକ ରେ ଯୋଗ ଦେଇଥିଲେ। କିଛି ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟ ଉପରେ ଜନପ୍ରତିନିଧି ଆସନ୍ତୋଷ ପ୍ରକାଶ କରିଥିଲେ। ଆଲୋଚନା ମାଧ୍ୟମରେ ସମାଧାନ କରିବା ପାଇଁ ଅଧିକାରୀ ମାନେ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଶିକ୍ଷା , ପାନୀୟ ଜଳ,ରାସ୍ତା ଓ ଅନ୍ୟ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଉନ୍ନୟନ ମୂଳକ କାର୍ଯ୍ୟ ଉପରେ ଜନ ପ୍ରତିନିଧି ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସବୁ ମିଶି ସେମିଳିଗୁଡା ସମିତିର ଉନ୍ନତି ପାଇଁ କାମ କରିବା ପାଇଁ ବିଧାୟକ ରାମଚନ୍ଦ୍ର କାଡାମ ନିବେଦନ କରିଛନ୍ତି।

# ମା' ଚୈତ୍ରାଇ ଓ ବୁଢ଼ୀ ଠାକୁରାଣୀଙ୍କ ଘଟଯାତ୍ରା ଉଦ୍‌ଯାପିତ



ନାରାୟଣପାଟଣା,୮।୪(ସମିସ): ନାରାୟଣପାଟଣାର ଅଧିଷ୍ଠାତ୍ରୀ ଦେବୀ ମା' ଚୈତ୍ରାଇ, ମା' ବୁଢ଼ୀ ଠାକୁରାଣୀଙ୍କ ଘଟଯାତ୍ରା ଉଦ୍‌ଯାପିତ ହୋଇଯାଇଛି । ବୁଧବାର ସକାଳେ ମା'ଙ୍କ ଘଟ ଗାଁ ପରିକ୍ରମା କରି ପୂଜା ପାଇବା ପରେ ନିଜ ଅସ୍ଥାନକୁ ଫେରିଛନ୍ତି ଓ ଯାତ୍ରା ଦେଖିବାକୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଛି। ରୀତିନୀତିରେ ବାଜା, ମହୁରୀ, ବନ୍ଧ, ଘଣ୍ଟର ତାଳେ ତାଳେ ଗତ ସୋମବାର ଦିନ ମା' ଙ୍କୁ ସ୍ଥାୟୀ ମନ୍ଦିରରୁ ଗାଁରେ ନିର୍ମିତ ଅସ୍ଥାୟୀ ମନ୍ଦିରକୁ ଅଣାଯାଇଥିଲା ଓ ୯ ଦିନ ଧରି ମା' ଏଠାରେ ପୂଜା ପାଇଥିଲେ। ଗାଁର ପ୍ରତ୍ୟେକ ଘରକୁ ଯାଇଥିଲେ ମା'। ମାନସିକଧାରୀ ଶ୍ରଦ୍ଧାଳୁମାନେ ମା'ଙ୍କ ନିକଟରେ ଛେଳି, କୁକୁଡ଼ା, ପାରା ଇତ୍ୟାଦି ବଳି ଦେଇଥିଲେ। ଯାତ୍ରା ପାଇଁ ପୂରା ଅଞ୍ଚଳକୁ ଆଲୋକମାଳାରେ ସଜ୍ଜା ଯାଇଥିଲା। ମନ୍ଦିର ପରିସରରେ ପ୍ରବଳ ଗହଳିକୁ ଦୃଷ୍ଟିରେ ରଖି ମନ୍ଦିର ପରିଚାଳନା କମିଟି ଓ ସ୍ଥାନୀୟ ପୁଲିସ ପ୍ରଶାସନ ତରଫରୁ ଥାନା ଅଧିକାରୀ ମମତା ପଣ୍ଡା ମହୋଦୟା ,ଏସ୍‌ଆଇ ନରସୀହ ପାତ୍ରୀଙ୍କ ନେତୃତ୍ୱରେ ବହୁ ପୁଲିସ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଅଧକ୍ଷ ଗୋଲାଦୀ ତ୍ରିନାଥ, ଯାତ୍ରା କମିଟିର ଉପ ସଭାପତି ଦୟାନିଧି ପ୍ରଧାନ, କାର୍ଯ୍ୟକାରୀ ସଭାପତି ପି ନବୀନ ସୁବୁଦ୍ଧି, ସମ୍ପାଦକ ଏସ୍ ତ୍ରିନାଥ, ଉପସଭାପତି ପଦ ପର୍ଶୁରାମ ତାଡିଙ୍ଗି, କୋଷାଧକ୍ଷ ରମେଶ ଦାସ, ଉପଦେଷ୍ଟା ଲଳିତ ନାରାୟଣ ପରିଡା ,ଚାଣ୍ଡି ବାରାଣାସୀ , କୁନୁପିଲି ବୁଜୋ, ଜାମି ବୁଲା, ଶୀବାଜୀ ପଟନାୟକ, କାଳିଆ ରାଉତ, ଆଇ ବାବା,ଆଇ ଶ୍ୟାମ , ତେଜା, ମୋନଜ ସେଠୀ , ହିରେନ୍ଦ୍ର ଗରଡା, ଗୋଲାଦି ଶଙ୍କର, ଗୋକୁଳ ରାଉତ,ସନ୍ଦିପ ମାଝିଙ୍କ ପରି ବହୁ କର୍ମକର୍ତ୍ତା ସହଯୋଗ କରିଥିଲେ। ଯାତ୍ରା ସମୟରେ ମେଳା, ମେଲୋଡି, ଭଜନ ସମାରୋହ, ଆଦିବାସୀ ନାଟକ ପ୍ରଭୃତି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ସ୍ନାତକ ମହାବିଦ୍ୟାଳୟରେ ରକ୍ତଦାନ ଶିବିର



ନନ୍ଦପୁର,୮।୪ (ସମିସ): ଓଡ଼ିଆ ପକ୍ଷ-୨୦୨୬ ପାଳନ ଅବସରରେ ଉଚ୍ଚଶିକ୍ଷା ବିଭାଗ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶକ୍ରମେ ଜାତୀୟ ସେବା ଯୋଜନା ଓ ଯୁବ ରେଡକ୍ରସ ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ ନନ୍ଦପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ନନ୍ଦପୁର ପଞ୍ଚାୟତ ସମିତି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ଦୁର୍ଗା ପ୍ରସାଦ ଦୋରା ଯୋଗ ଦେଇ ରକ୍ତଦାନ କରି ରକ୍ତର ଅଭାବକୁ ପୂରଣ କରିବା ଏବଂ ସାମାଜିକ ପ୍ରତିବଦ୍ଧତାର ସଂକଳ୍ପ ନେବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟ ଅଧକ୍ଷ ଅମର କୁମାର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ସହିଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ କୋରାପୁଟର ରକ୍ତଭଣ୍ଡାର କର୍ତ୍ତୃପକ୍ଷ ଉପସ୍ଥିତ ବିଭିନ୍ନ ବର୍ଗର ୩୦ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ସିଡିପିଓ ମିନତି ବାଳା ପଟ୍ଟନାୟକ, ଶିକ୍ଷକ ପ୍ରଦୀପ କୁମାର ତ୍ରିପାଠୀ ଓ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପ୍ରମୁଖ ଯୋଗଦେଇ ରକ୍ତଦାନ ଭଳି ମହତ କାର୍ଯ୍ୟରେ ନିୟୋଜିତ ହେବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଅଧାପକ କିଶୋର ଚନ୍ଦ୍ର ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲା ବେଳେ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ସନ୍ତୋଷ ହନ୍ତାଳ, ଯୁବ ରେଡକ୍ରସ ପରାମର୍ଶଦାତା ଭଗବାନ ଖରା, ବରିଷ୍ଠ ଅଧାପିକା ସ୍ନେହଲତା ସେଠୀ, ଏମ୍ ଜୟା, ସୁରଭି ପାଣିଗ୍ରାହୀ, ଅର୍ଚ୍ଚନା ପାତ୍ରୀ, ନରସିଂହ ଖୋସଲା, ସନ୍ତୋଷ କୁମାର ଦୋରା, ଦିନେଶ କୁମାର ଖିଲ, ପଦଲାମ ଗଲରି, ବିଜୟ ଖିଲ, ଉଷାରାଣୀ ଗୁଣ୍ଡା ଛାତ୍ରଛାତ୍ରୀ ମଧ୍ୟରେ ନମିତା ଗୁଣ୍ଡା, ମମିତା ଜାନୀ, ଯୋତ୍ରିମୟୀ ମୁଦୁଲି, ରଶ୍ମି ଓଡ଼ିଆ, ଅଞ୍ଜନା ଆଞ୍ଜେଲ, ବବିତା ଚାଲାଣ, ଶାନ୍ତି ଖିଲ ଓ ସୁଇଟି ଖିଲ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ବଂଶଧାରା ନେଇ ସରକାରଙ୍କ ଟାଳଟୁଳ ନୀତିକୁ ବିଜେଡିର ସମାଲୋଚନା

ଗୁଣୁପୁର,୮।୪(ସମିସ): ବଂଶଧାରା ନଦୀ ନେଇ ଭାଜପା ସରକାର କ୍ରମାଗତ ଭାବେ ଅନ୍ୟାୟ କରିଚାଲିଛନ୍ତି । ନିଜ ରାଜନୈତିକ ସ୍ୱାର୍ଥ ସାଧନ ଲାଗି ଭାଜପା ସରକାର ସବୁବେଳେ ଆନ୍ଧ୍ରପ୍ରଦେଶ ସରକାରଙ୍କ ପ୍ରତି ସମ୍ବେଦନଶୀଳ ରହି ଆସିଛନ୍ତି । ବର୍ତ୍ତମାନ ପରିପ୍ରେକ୍ଷୀରେ କେନ୍ଦ୍ର ଓ ରାଜ୍ୟରେ ଭାଜପା ସରକାର ଟାଳଟୁଳ ନୀତି ଅବଲମ୍ବନ କରିବା କାରଣରୁ ବଂଶଧାରା ଟ୍ରିବ୍ୟୁନାଲରେ ଓଡ଼ିଶାର ପକ୍ଷ ଦୁର୍ବଳ ହୋଇପଡିଛି । ରାଜ୍ୟରେ ବିଜେଡି ସରକାର ଶାସନ ଥିବା ବେଳେ ପ୍ରତ୍ୟେକ ଜଳସେଚନ ପ୍ରକଳ୍ପ ଓ ନଦୀ ଜଳ ସୁରକ୍ଷା ଦିଗରେ ଦୂରଦର୍ଶୀ ଲକ୍ଷ୍ୟ ଓ ଓଡ଼ିଶାବାସୀଙ୍କ ସ୍ୱାର୍ଥର ହିତ ଚିନ୍ତା




କରିଥିବା କାରଣରୁ ଅନେକ ପଦକ୍ଷେପ ନେଇଛନ୍ତି। ବିଶେଷ କରି ବଂଶଧାରା ଜଳ ବିବାଦର ସ୍ଥାୟୀ ସମାଧାନ ନିମନ୍ତେ କୌଣସି ବଡ଼ ନଦୀର ଉପରମୁଣ୍ଡରେ ବଡ଼ ପ୍ରକଳ୍ପ କରିବା ଦ୍ୱାରା କେନ୍ଦ୍ରର ଅନୁମତି ଆବଶ୍ୟକ ପଡୁଥିବା କାରଣରୁ ଏହାକୁ ଏଡାଇ ବଂଶଧାରା ନଦୀ ଜଳରେ ଓଡ଼ିଶାର ୫୦ ପ୍ରତିଶତ ଜଳ ହକ୍‌କୁ କାର୍ଯ୍ୟରେ ଲଗାଇ ଛୋଟ ପ୍ରକଳ୍ପ ଦ୍ୱାରା ବଂଶଧାରା ଅବବାହିକା ଚାଷୀ ,ଜନତା ଓ ପରିବେଶ ସୁରକ୍ଷା ନିମନ୍ତେ ଯୋଜନା କରି ପ୍ରାୟ ୧୨୦୦ କୋଟି ଟଙ୍କା ଅନୁମୋଦନ କରିଥିଲେ। କିନ୍ତୁ ବର୍ତ୍ତମାନ ଭାଜପା ସରକାର ନିଜ ସାଥି

## ଉପରମୁଣ୍ଡରେ ପ୍ରକଳ୍ପ କରିବା ପାଇଁ ଜୋର ଧରିଲା ଦାବି

ଆନ୍ଧ୍ରପ୍ରଦେଶର ସ୍ୱାର୍ଥ ରକ୍ଷା ନିମନ୍ତେ ଉକ୍ତ ପ୍ରକଳ୍ପକୁ ଶୀତଳ ଭଣ୍ଡାରରେ ଫୋପାଡି ଦେବା ଦୁର୍ଭାଗ୍ୟଜନକ ବୋଲି ସାମ୍ବାଦିକ ସମ୍ମିଳନୀରେ ଗୁଣୁପୁର ନିର୍ବାଚନ ମଣ୍ଡଳିର ପୂର୍ବତନ ବିଜେଡି ବିଧାୟକ ରଘୁନାଥ ଗମାଙ୍ଗ କହିଛନ୍ତି। ତୁରନ୍ତ ଡବଲ ଇଞ୍ଜିନ୍ ସରକାର ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବଂଶଧାରା ନଦୀର ଉପର ମୁଣ୍ଡରେ ପ୍ରକଳ୍ପ କରିବା ପାଇଁ ସାମ୍ବାଦିକ ସମ୍ମିଳନୀରେ ଦାବି କରିଛନ୍ତି। ଆଗକୁ ସରକାର କିଛି ବ୍ୟବସ୍ଥା ନକଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦେଇଛି ବିଜେଡି ଦଳ। ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଅଶ୍ୱିନି ଗମାଙ୍ଗ, ପୂର୍ବତନ ଗୁଣୁପୁର ବ୍ଲକ୍ ଅଧକ୍ଷ ବାଳି ଗମାଙ୍ଗ, ବିଜେଡି ଯୁବନେତା ବିଷ୍ଣୁ ପଣ୍ଡା, ପୌର ପରିଷଦ କାଉନସିଲର ଶିବ ପାଢୀ, ବରିଷ୍ଠ ନେତା ଏସ୍ ବାବାପ୍ରସାଦ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।

# ମୀନାପାଇ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




ଲକ୍ଷ୍ମୀପୁର, ୮।୪ (ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ ମୀନାପାଇ ବାଳିକା ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ଜିଲ୍ଲା ମଙ୍ଗଳ ଅଧିକାରୀ ସୁନିଲ ତାଣ୍ଡି ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ଶୁୱାଇ କୁଲେସିକା ଯୋଗ ଦେଇଥିଲେ। ଏହା ବ୍ୟତୀତ ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ, ସାଂସଦ ତଥା କୋରାପୁଟ ଜିଲ୍ଲା ବିଜେଡିର ସଭାପତି ଝିନ ହିକକା, ରାଜ୍ୟ ଶିକ୍ଷକ ସଙ୍ଘ ଉପ ସଭାପତି ସୁରେନ୍ଦ୍ର କୁଲଦୀପ,ସାଂସଦ ପ୍ରତିନିଧୀ କୈଳାସ ଖୋସ୍ଲା, ବିଧାୟକ ପ୍ରତିନିଧି ମଣ୍ଟି ଖରା, ଉପାଧକ୍ଷା ଆରତି କୁଲଦୀପ, ଦୁଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଭୁତି ଭୂଷଣ ଟାକ୍ରି, ମଦନ ମୋହନ ମୁଦୁଲି, ବିଦ୍ୟାଳୟ ସଭାପତି ବସନ୍ତ ମିଣିଆକା, ସମିତି ସଭ୍ୟ ପୂୟୁ ମିଣିଆକା ଏବଂ ପଟାଙ୍ଗି ମୁଖ୍ୟ ବକ୍ତା ଭାବେ ପ୍ରଫୁଲ୍ଲ ବେହେରା ଯୋଗ ଦେଇ ଥିଲେ। ଏହାକୁ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହାୟତ କରିଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ସୁଧେସ୍ନା ପ୍ରଧାନ ଆୟୋଜନ କରିଥିଲେ। ସବୁ ଶ୍ରେଣୀର ଭଲ ପ୍ରଦର୍ଶନ କରିଥିବା ଛାତ୍ରୀ ମାନଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ସନ୍ଧ୍ୟା ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରା ଯାଇଥିଲା।

# ଖରିଫ ଚାଷ ପାଇଁ ସାର ଯୋଗାଣ ନେଇ ସମୀକ୍ଷା

ଜୟପୁର, ୮ ।୪(ସମିସ) : କୋରାପୁଟ ଜିଲ୍ଲାରେ ଆସାନ୍ତା ଖରିଫ ଚାଷ ପାଇଁ ଚାଷୀ ମାନଙ୍କୁ ଆବଶ୍ୟକ ଅନୁଯାୟୀ ସୂଚାରୁ ରୂପେ ସାର ଯୋଗାଣ ନେଇ ଏକ ସମୀକ୍ଷା ବୈଠକରେ ସାର କମ୍ପାନୀର ପ୍ରତିନିଧି ଏବଂ ସରକାରଙ୍କ ବିକ୍ରେତା ଭାବେ ନିୟୋଜିତ ମାର୍କଫେଡ୍, ଆଞ୍ଚଳିକ ସମବାୟ ବଜାର ସମିତ ଏବଂ ଅନ୍ୟାନ୍ୟ ଆଗ୍ରୋ କମ୍ପାନୀ ଗୁଡିକର ପ୍ରତିନିଧି ଉପସ୍ଥିତ ରହିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜୟପୁର ସ୍ଥିତ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସନ୍ତୋଷ କୁମାର ଦଳବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ଖରିଫ ଚାଷ ସମୟରେ ମୁଖ୍ୟତଃ ଧାନ ଚାଷୀ କିଭଳି ସୁରୁଖୁରୁ ଏବଂ ସୂଚାରୁ ରୁପେ ଆବଶ୍ୟକ ଅନୁଯାୟୀ ୟୁରିଆ, ପଟାସ ଏବଂ ଅନ୍ୟାନ୍ୟ ସାର କ୍ରୟ କରିପାରବେ ସେଥିପ୍ରତି ଆଲୋଚନା ହୋଇଥିଲା। ଏହିପରି ଗତବର୍ଷ ମୁଖ୍ୟତଃ ୟୁରିଆ ସାରକୁ ନେଇ ଏକ ଅଭାବି ଦେଖାଦେଇଥିଲା। କିନ୍ତୁ ଆବଶ୍ୟକ ଅନୁଯାୟୀ ଜିଲ୍ଲାରେ ସାର ଆସୁଥିବା ବେଳେ ଏଭଳି ପରିସ୍ଥିତ ସୃଷ୍ଟି ନେଇ ଚିନ୍ତା ପ୍ରକୋଟ କରାଯାଇଥିଲା। ଏହିପରି କମ୍ପାନୀ ଗୁଡିକ ପକ୍ଷରୁ ଯୋଗାଣର ପ୍ରତ୍ୟେକ ଦିନର ରିପୋର୍ଟ ଏବଂ ବିକ୍ରେତା ମାନେ ବିନା ଚାଷୀଙ୍କ ପରିଚୟ ତଥା ଚାଷ ଜମିର ପ୍ରମାଣ ନଥାଇ କେବଳ ଆଧାରା କାର୍ଡକୁ ନେଇ ବିକ୍ରି କରାଯାଉଥିବା ଯୋଗୁଁ ପ୍ରକୃତ ଚାଷୀ ମାନେ ସାର ପାଇବାରୁ ବଞ୍ଚିତ ହେଉଛନ୍ତି । ଏହାର ସମାଧାନ ପାଇଁ ଚାଷୀ ପରିଚୟ ପତ୍ର ଏବଂ ଚାଷଜମିର ପ୍ରମାଣପତ୍ରକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଏହି ବୈଠକରେ ସମବାୟ ବିଭାଗର ଡିଆରସିଏସ, ମନୋକା ରାୟ, ଜୟପୁର ସହକାରୀ ଜିଲ୍ଲା କୃଷି ଅଧିକାରୀ, ଲାଲଟେନ୍ଦୁ ମହାପାତ୍ର, ନନ୍ଦପୁର ସହକାରୀ ଜିଲ୍ଲା କୃଷି ଅଧିକାରୀ ସୁଜାତା ନିଶଙ୍କ, କୋରାପୁଟ ଭାରପ୍ରାପ୍ତ ସହକାରୀ ଜିଲ୍ଲା କୃଷି ଅଧିକାରୀ କାହ୍ନୁ ଚରଣ ଦାସ, ସାର ଯୋଜନା ଅଧିକାରୀ ସଙ୍ଗିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଆଜି ଜିଲ୍ଲାର ସାର ପାଇକାରୀ




ଦୋକାନୀଙ୍କୁ ନେଇ ଏକ ବୈଠକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପସ୍ଥିତ କୃଷି ଅଧିକାରୀ ମାନେ ସାର କଳାବଜାର ବନ୍ଦ କରିବା ପାଇଁ କଡାକଡି ନିର୍ଦ୍ଦେଶ ଦେଇଛନ୍ତି। ଏହିପରି ଚାଷୀଙ୍କୁ ସାର ବିକ୍ରି ପୂର୍ବରୁ ପରିଚୟ କଡାକଡି ଯାଞ୍ଚ, ଗୋଦାମ ଗୁଡିକରେ ଗଚ୍ଛିତ ସାର ଓ ବିକ୍ରିର ରେକର୍ଡ ପ୍ରତ୍ୟେକ ଦିନ ଅପଟୁ ଡେଟ କରିବା। ସରକାରଙ୍କ ଧାର୍ଯ୍ୟ ଅନୁଯାୟୀ ଚାଷୀଙ୍କୁ ଉପଯୁକ୍ତ ମୂଲ୍ୟରେ ସାର ବିକ୍ରି କରିବା ଏବଂ ସାର ସାଇତି ରଖିବା ପାଇଁ ଉପଯୁକ୍ତ ଗୋଦାମ ଗୃହ ବ୍ୟବସ୍ଥା ଏବଂ ଚାଷୀଙ୍କ ଜମିର ଚାହିଦା ଅନୁଯାୟୀ ସାର ଯୋଗାଣ କରିବା ଉପରେ ନିର୍ଦ୍ଦେଶ ଦିଆଯାଇଛି। ଏହି ବୈଠକରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ଦଳବେହେରା ନେତୃତ୍ୱରେ ଜିଲ୍ଲାର ଅନ୍ୟାନ୍ୟ ବ୍ଲକ ଅଞ୍ଚଳର କୃଷି ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଏସବିଆଇ ଏଟିଏମ୍ ଅଚଳ

ବୈପାରୀଗୁଡ଼ା,୮।୪(ସମିସ): ବୈପାରୀଗୁଡା ବ୍ଲକ ସଦର ମହକୁମା ସ୍ଥିତ ଭାରତୀୟ ଷ୍ଟେଟବ୍ୟାଙ୍କର ଏଟିଏମ୍ ୩ ଦିନ ହେବ ଅଚଳ ହୋଇପଡ଼ିଛି । ଫଳରେ ଉପଭୋକ୍ତାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବ୍ୟବସାୟିକ କେନ୍ଦ୍ରସ୍ଥଳ ଭାବେ ବୈପାରୀଗୁଡା ଏହି ଅଞ୍ଚଳରେ ପରିଚିତ ଥିବାବେଳେ ପ୍ରତିଦିନ ବହୁ ଲୋକ ଟଙ୍କା ଉଠାଣ ପାଇଁ ଷ୍ଟେଟବ୍ୟାଙ୍କ ଉପରେ ନିର୍ଭର କରିଥାନ୍ତି। ବୈପାରୀଗୁଡା ସମତ କୁନ୍ଦୁରା ରାମଗିରି ଅଞ୍ଚଳର ସର୍ବାଧିକ ଉପଭୋକ୍ତାଙ୍କ ଖାତା ଭାରତୀୟ ଷ୍ଟେଟବ୍ୟାଙ୍କରେ ଖୋଲା ଯାଇଛି । ସେହିପରି ଏଟିଏମରେ ଟଙ୍କା ନ ଥିବା ସହ ବାରମ୍ବାର ଅଚଳ ହୋଇପଡ଼ିଥିବା ଯୋଗୁ ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଜିଲା ପ୍ରଶାସନ ଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ବୈପାରୀଗୁଡା ଭାରତୀୟ ଷ୍ଟେଟବ୍ୟାଙ୍କ ସୂଚନା ଅନୁଯାଇ ଟଙ୍କା ନଥିବା ଯୋଗୁଁ ଏଟିଏମ୍ ବନ୍ଦ ରହିଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

# ବୁଢ଼ଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



କଲ୍ୟାଣସିଂହପୁର,୮।୪(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ବୁଢ଼ାଗୁଡ଼ା ପଞ୍ଚାୟତରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରହଲ୍ଲାଦ ମାଝୀ ବୈଠକରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧକ୍ଷ ଡମ୍ବରୁ କଞ୍ଚାକା , ମୁଖ୍ୟ ବକ୍ତା ଭାବେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଚନ୍ଦନ ଦାସ ବାଙ୍ଗାରୀ ରହିଥିଲେ। ଆଞ୍ଚଳିକ ଶିକ୍ଷା ଅଧିକାରୀ ବନମାଳି ଶବର ,ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବାବୁରାଓ ନିଶିକା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ରହିଥିଲେ। ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରହଲ୍ଲାଦ ମାଝୀ ବାର୍ଷିକ ବିବରଣୀ ପଠନ କରିଥିଲେ। ବାର୍ଷିକ କ୍ରୀଡ଼ା ଉତ୍ସବରେ ୨୩ ଇଭେଣ୍ଟରେ ୨୦୦ଜଣ ଛାତ୍ରଛାତ୍ରୀ ଭାଗ ନେଇଥିବା ବେଳେ ୬୯ ଜଣ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ରହି ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ବିଦ୍ୟାଳୟର ସହ ଶିକ୍ଷକ ଶ୍ରୀନିବାସ ଦାସ ମଞ୍ଚ ପରିଚାଳନା ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ପକ୍ଷରୁ ଆମନ୍ତ୍ରିତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହିଥିଲେ।

# ଗଞ୍ଜେଇ ଜବତ, ଦୁଇ ଯୁବକ ଗିରଫ

ନନ୍ଦପୁର,୮।୪(ସମିସ): ନନ୍ଦପୁର ପୁଲିସ ପାଟ୍ରୋଲିଙ୍ଗ ବେଳେ ଫସି ଗଲା ରଙ୍ଗ ଗାଡ଼ି। ଗାଡ଼ି ସହ ୨୧ କେଜି ଗଞ୍ଜେଇ ଜବତ କରାଯାଇଛି। ଦୁଇଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି । ସୂଚିତ ଯେ କୋରାପୁଟ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ସ୍ୱତନ୍ତ୍ର ଗଞ୍ଜେଇ ଚାଲାଣ ଉପରେ ପୁଲିସର ମାରାଥନ୍ ଚେକିଂ ଚାଲିଥିବା ବେଳେ ପାଡୁଆ ଅଞ୍ଚଳରୁ ଦ୍ରୁତ ଗତିରେ ଏକ ନାଲି ରଙ୍ଗର ମାରୁତି ଗାଡି ଆସୁଥିବା ଦେଖି ପାଟ୍ରୋଲିଂ କରିଥିବା ନନ୍ଦପୁର ପୁଲିସ ଆଇବି ଛକ ନିକଟରେ ଗାଡିକୁ ଅଟକାଇ ଥିଲେ। ପୁଲିସକୁ ଦେଖି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ପୁଲିସ ମାଡି ବସିଥିଲା । ପରେ ଗାଡ଼ିକୁ ଯାଞ୍ଚ କରିବାରୁ ଗାଡି ଭିତରୁ ୨୨ କିଲୋ ଗଞ୍ଜେଇ ବାହାରିଥିଲା। ନନ୍ଦପୁର ଥାନା କେସ ନଂ୫୨/୨୦୨୬ ଏନ୍‌ଡିପିଏସ୍ ଆଇନ ୧୯୮୫ର ଧାରା ୨୦(ବି)(ସସ)(ସି) ଅନୁସାରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗିରଫ ଯୁବକମାନେ ହେଲେ ରେଣୁ ଗ୍ରାମର ମହେଶ ଓରଫ ଅଜିତ ଧଡକା (୨୧) ଓ ବାଲେଲ ଗ୍ରାମର କୋର୍ରା କିରଣ ଅର୍ଥାତ୍ କିରଣ ଖାରା (୨୨)। ଦୁଇଜଣଙ୍କୁ ଗିରଫ ପରେ କୋରାପୁଟ ଏସଡିଜେଏମ୍ ଆଦାଲତକୁ ପ୍ରେରଣ କରାଯାଇଛି। ପୁଲିସ ତଦନ୍ତ ସମୟରେ ଅଭିଯୁକ୍ତମାନଙ୍କ ନିକଟରୁ ଏକ ସାଣ୍ଟ୍ରୋ କାର ନଂ ଓଆର୍ - ୦୨- ବିଜେଡ୍ - ୬୧୭୦ ରୁ ୨୧ କିଲୋ ୧୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ତା'ସହ ଅଭିଯୁକ୍ତଙ୍କ ଠାରୁ ଦୁଇଟି ମୋବାଇଲ୍ ଫୋନ୍ ମଧ୍ୟ ଜବତ ହୋଇଥିବା ଥାନା ଅଧିକାରୀ ତ୍ରିନାଥ ତୋଟାପାଡ଼ିଆ ସୂଚନା ଦେଇଛନ୍ତି।

# ଉପଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ଗୁଣୁପୁର ଓକିଲ ସଂଘର ଦାବିପତ୍ର ପ୍ରଦାନ

ଗୁଣୁପୁର,୮।୪(ସମିସ): ରାୟଗଡ଼ା ଜିଲ୍ଲା ଗୁଣୁପୁର ବାର୍ ଆସୋସିଏସନ ପକ୍ଷରୁ ବଂଶଧାରା ନଦୀ ସମ୍ବନ୍ଧୀୟ ଜଳ ବିବାଦ ଓ ଅଞ୍ଚଳର ଜଳ ସମସ୍ୟାକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଗ୍ରହଣ କରାଯାଇଛି। ଗତ ୨୦୨୬ ଅପ୍ରେଲ ୬ ତାରିଖରେ ଆୟୋଜିତ ବୈଠକରେ ଏହି ଦାବି ଉଠାଯାଇଛି। ବାର୍ ଏସୋସିଏସନ ପକ୍ଷରୁ ସୂଚନା ଅନୁଯାୟୀ ବଂଶଧାରା ନଦୀ କାଳାହାଣ୍ଡି ଜିଲ୍ଲାରୁ ଉତ୍ପନ୍ନ ହୋଇ ରାୟଗଡ଼ା ଜିଲ୍ଲାର ଗୁଣୁପୁର ଉପଖଣ୍ଡର ଚନ୍ଦ୍ରପୁର, ଗୁଡାରୀ ଓ ଗୁଣୁପୁର ଅଞ୍ଚଳର ଅଧିକାଂଶ ଗ୍ରାମ ଦେଇ ପ୍ରବାହିତ ହୋଇ ଆନ୍ଧ୍ରପ୍ରଦେଶରେ ପ୍ରବେଶ କରୁଛି। ଶ୍ରୀକାକୁଲମ୍ ଜିଲ୍ଲାର କଳିଙ୍ଗାପଟ୍ଟମ୍ ନିକଟରେ ବଙ୍ଗୋପସାଗରରେ ମିଶିଯାଏ। ଏହି ନଦୀ ପ୍ରାୟ ୨୫୪ କିଲୋମିଟର ଯାଏଁ ପ୍ରବାହିତ ହୋଇଥିବା ବେଳେ ତାହାର ବଡ଼ ଅଂଶ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମାଧ୍ୟମରେ ବିସ୍ତାରିତ। ୧୯୬୨ ମସିହାରେ ଉଭୟ ରାଜ୍ୟ ମଧ୍ୟରେ ହୋଇଥିବା ଚୁକ୍ତିନାମା ଅନୁଯାୟୀ ନଦୀର ଜଳକୁ ସମାନ ତଥା ୫୦ ଭାଗ ୫୦ ଭାଗରେ ବଣ୍ଟନ କରିବାକୁ ନିର୍ଦ୍ଦେଶ ରହିଛି। ଏହାକୁ ଆଧାର କରି ବଂଶଧାରା ଟ୍ରିବ୍ୟୁନାଲ ପକ୍ଷରୁ ଚୁଡାନ୍ତ ରାୟ ପ୍ରକାଶ ପାଇଥିବା ୨୦୨୬ ଏପ୍ରିଲ ୫ ତାରିଖରେ ସରକାରୀ ଗେଜେଟରେ ପ୍ରକାଶ ପାଇଛି। ଏହି ରାୟ ଅନୁଯାୟୀ ଆନ୍ଧ୍ରପ୍ରଦେଶ ସରକାର କାଟ୍ରାଗଡା ଗ୍ରାମରେ ଦ୍ୱିତୀୟ ପର୍ଯ୍ୟାୟ ପ୍ରକଳ୍ପ କାମ ଜାରି ରଖିପାରିବେ ଏବଂ ଓଡ଼ିଶାର ୧୦୬ ଏକର ଜମିକୁ ପ୍ରଭାବିତ କରିବ। ଏହା ସହିତ ଏହି ପ୍ରକଳ୍ପର ସମସ୍ତ ଖର୍ଚ୍ଚ ଆନ୍ଧ୍ରପ୍ରଦେଶ ସରକାର ବହନ କରିବାକୁ ନିର୍ଦ୍ଦେଶ




ମିଳିଛି। ଏହାକୁ ଆଧାର କରି ଗୁଣୁପୁର ଓକିଲ ସଂଘ ପକ୍ଷରୁ ଗୁଡାରୀ ନିକଟ ପାଣି ଡଙ୍ଗର ଠାରେ ଏକ ମେଗା ଜଳଭଣ୍ଡାର ନିର୍ମାଣ ପାଇଁ ଦାବି କରାଯାଇଛି। ପ୍ରସ୍ତାବ ଅନୁଯାୟୀ, ପୂର୍ବରୁ ପ୍ରସିଦ୍ଧ ଇଞ୍ଜିନିୟର କେ.ଏଲ୍. ରାଓଙ୍କ ଯୋଜନା ଅନୁସାରେ ଏହି ପ୍ରକଳ୍ପ କାର୍ଯ୍ୟକରିତ ହେଲେ ଗୁଣୁପୁର ସବ୍-ଡିଭିଜନର ଜଳ ସମସ୍ୟା ଦୂର ହେବା ସହିତ ହାଇଡ୍ରୋ ପାୱାର ଉତ୍ପାଦନର ସୁଯୋଗ ସୃଷ୍ଟି ହେବ। ଏହି ପରିପ୍ରେକ୍ଷୀରେ ବାର୍ ଏସୋସିଏଶନର ସଭାପତି ରମେଶ ଲିମାଙ୍କ ନେତୃତ୍ୱରେ ସଂଘର ସଦସ୍ୟମାନେ ଗୁଣୁପୁର ଉପଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

# ଘାଟି ରାସ୍ତାରେ ଦୁର୍ଘଟଣା; ୮୦ ଫୁଟ୍ ତଳକୁ ଖସିଲା ଟ୍ରକ୍

ଜୟପୁର,୮ ।୪(ସମିସ)। ଜୟପୁର-କୋରାପୁଟ ଘାଟି ରାସ୍ତାରେ ଗତକାଲି ରାତିରେ ଏକ ଟ୍ରକ୍ ଦୁର୍ଘଟଣା ଗ୍ରସ୍ତ ହୋଇଛି। ବ୍ରେକ ଫେଲ୍ ହୋଇଯିବା ଯୋଗୁଁ କୋରାପୁଟରୁ ଜୟପୁର ପଟେ ଆସୁଥିବା ଟ୍ରକ୍ ସିଜି ୧୭ ଏଲଡି ୪୪୫୫ ନିୟନ୍ତ୍ରଣ ହରାଇ ରାସ୍ତା ପାର୍ଶ୍ୱର ପାଚେରି ଭାଙ୍ଗି ପ୍ରାୟ ୮୦ ଫୁଟ ଖାଇ ତଳକୁ ଖସିଯାଇଥିଲା। ଟ୍ରକ ଭିତରେ ଡ୍ରାଇଭର ଗୁରୁତର ଅବସ୍ଥାରେ ପଡିରହିଥିଲେ। ଖବରପାଇ ଜୟପୁର ସଦରଥାନା ପୁଲିସ ଏବଂ ଅଗ୍ନିଶମ ବିଭାଗ ରାତିରେ ଘଟଣାସ୍ଥଳରେ ପହଞ୍ଚି ତଳକୁ ଓହ୍ଲାଇ ଟ୍ରକ୍ ଭିତରକୁ ଡ୍ରାଇଭରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିବା ସହିତ ଚିକିତ୍ସାଳୟକୁ ପଠାଇଥିଲେ। କୋରାପୁଟ ଘାଟି ରାସ୍ତା ଅଣ ଓସାରିଆ ରହିଥିବା ଯୋଗୁଁ ବହୁ ସମୟରେ ଛୋଟବଡ଼ ଦୁର୍ଘଟଣା ହେଉଛି। ଏହାର ପ୍ରଶସ୍ତିକରଣ ପାଇଁ ସର୍ଭେ ହୋଇଥିଲେ ସୁଦ୍ଧା ଜଙ୍ଗଲ ବିଭାଗର ଅନୁମତି ପାଇଁ ମିଳିନଥିବା ଯୋଗୁଁ ଏହାର କାର୍ଯ୍ୟ ଅଟକି ରହିଛି।

# ଶିଶୁ କଥା ଦିବସ ପାଳିତ

କୋରାପୁଟ,୮।୪(ସମିସ): ଓଡିଆ ପକ୍ଷ ପାଳନ ଅବସରରେ ଶିଶୁ କଥା ଦିବସ ପାଳିତ ହୋଇଯାଇଛି। ପୂଜାରୀପୁଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଶିଶୁ କଥା ଦିବସ ପାଳନ କରାଯାଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଏହି ଅବସରରେ ଶିଶୁ ମାନଙ୍କୁ ପୁସ୍ତକ ବଣ୍ଟନ କରାଯାଇଥିଲା। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସିମାଞ୍ଚଳ ଦାସ ଯୋଗଦେଇ ଶିଶୁ କଥା ଦିବସ ଉପରେ ଆଲୋକପାତ କରିଥିଲେ। କୋରାପୁଟ ଉପ ଜିଲ୍ଲାପାଳ ପ୍ରେମଲାଲ ହିଆଲ, ଜିଲ୍ଲା ସଂସ୍କୃତି ଅଧିକାରୀ ସୌରଞ୍ଜିତା ମାଝୀ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷା ଅଞ୍ଜଳୀ ମହାରଣା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।ପ୍ରଧାନ ଶିକ୍ଷୟତ୍ରୀ ମଧୁସ୍ମିତା ସୁଚେନ ଯୋଗଦେଇ ପରିଚାଳନା କରିଥିଲେ।ଶିକ୍ଷକ ପ୍ରମୋଦ ଡାକୁଆ ମଞ୍ଚ ପରିଚାଳନା କରିଥିଲେ। ସମଗ୍ର ଶିକ୍ଷା ଅଭିଯାନର ଗୁଣ।।କ ସଂଯୋଜକ ଚନ୍ଦ୍ରକଳା ବର୍ଗତ୍ତୀ, ବାଳିକା ଶିକ୍ଷା ସଂଯୋଜକ ଶୁଭେନ୍ଦୁ ବାରିକ, ସିଆରସିସି ପ୍ରଦୀପ କୁମାର ପାତ୍ର ଓ ହର ମିଶ୍ର , ଭୁବେଶ ପତି ଏବଂ ସ୍କୁଲର ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।

# ସ୍ୱତନ୍ତ୍ର ମେଗା ସ୍ୱାସ୍ଥ୍ୟ ଓ ପୋଷଣ ଶିବିର

ମାଲକାନଗିରି,୮ ।୪(ସମିସ): ଆକାଂକ୍ଷୀ ବ୍ଲକ କାର୍ଯ୍ୟକ୍ରମ ଅନ୍ତର୍ଗତ ସମ୍ପୂର୍ଣ୍ଣତା ଅଭିଯାନ ୨.୦ ର ଏକ ଅଂଶସ୍ୱରୂପ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ମାଥିଲି ବ୍ଲକର ମହୁପଦର ଗ୍ରାମ ପଞ୍ଚାୟତଠାରେ ଏକ ସ୍ୱତନ୍ତ୍ର ମେଗା ସ୍ୱାସ୍ଥ୍ୟ ଓ ପୋଷଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମାଥିଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ହିତାଧିକାରୀ ଯୋଗ ଦେଇଥିଲେ। ଏହି ଶିବିରରେ ମାଥିଲି ଉପଖଣ୍ଡ ଚିକିତ୍ସାଳୟ ପକ୍ଷରୁ ଏକ ବିଶେଷଜ୍ଞ ଡାକ୍ତରୀ ଦଳ, ଫାର୍ମାସିଷ୍ଟ ଏବଂ ନର୍ସିଂ ଅଫିସରମାନେ ସାମିଲ ହୋଇ ସ୍ୱାସ୍ଥ୍ୟସେବା ପ୍ରଦାନ କରିଥିଲେ। ଏଥିସହିତ ସିଡିପିଓଙ୍କ ନେତୃତ୍ୱରେ ଆଇସିଡିଏସ ସୁପରଭାଇଜର ଓ ଅଙ୍ଗନବାଡି କର୍ମୀମାନେ ହିତାଧିକାରୀଙ୍କୁ ଉତ୍ତମ ଖାଦ୍ୟପେୟ ଓ ସୁରକ୍ଷିତ ପୋଷଣ ଅଭ୍ୟାସ ସମ୍ପର୍କରେ ମାର୍ଗଦର୍ଶନ ଦେଇଥିଲେ। ମହୁପଦର, କମାରପାଲି, ସାଲିମି ଏବଂ ତେମୁରୁପାଲି ପରି ଦୁର୍ଗମ ଅଞ୍ଚଳରୁ ଆସିଥିବା ଶତାଧିକ ଗର୍ଭବତୀ ମହିଳା, ପ୍ରସୂତି ମା, ୦-୬ ବର୍ଷର




ଶିଶୁ ଏବଂ ସମ୍ଭାବ୍ୟ ଯକ୍ଷ୍ମା ଓ ଅଣ-ସଂକ୍ରାମକ ରୋଗୀଙ୍କର ଏଠାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସମସ୍ତଙ୍କୁ ମାଗଣା ଔଷଧ ସହ ପୋଷଣଯୁକ୍ତ ଖାଦ୍ୟ ପ୍ୟାକେଟ୍ ମଧ୍ୟ ବଣ୍ଟନ କରାଯାଇଥିଲା। ସ୍ୱଚ୍ଛ ଭାରତ ମିଶନ ପକ୍ଷରୁ ପରିମଳ ଓ ସ୍ୱଚ୍ଛତାର ଗୁରୁତ୍ୱ ଉପରେ ସଚେତନତା ସହ ପ୍ରଦର୍ଶନୀ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାଥିଲି ବିଡିଓ ମାଲକାନଗିରି ଜିଲ୍ଲାପାଳଙ୍କ ଦ୍ୱାରା ପରିଚାଳିତ ପୋଷଣ-୧୫ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଶିଶୁମାନଙ୍କ ମଧ୍ୟରେ ଅପୁଷ୍ଟି ଜନିତ ସମସ୍ୟା ଦୂର କରିବା ଏବଂ ଗର୍ଭବତୀ ଓ କିଶୋରୀମାନଙ୍କୁ ସଠିକ୍ ପୋଷଣ ଯୋଗାଇବା ପାଇଁ ବିଭିନ୍ନ ବିଭାଗର ମିଳିତ ସହଯୋଗରେ ଏହି ଅଭିଯାନ ଜାରି ରହିଛି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ନବରଙ୍ଗପୁର ସାଂସଦଙ୍କ ପ୍ରତିନିଧି, ସରପଞ୍ଚ, ସମିତି ସଭ୍ୟ ଓ ଅନ୍ୟାନ୍ୟ ଜନପ୍ରତିନିଧିମାନେ ଉପସ୍ଥିତ ରହି ଲୋକଙ୍କୁ ସ୍ୱାସ୍ଥ୍ୟ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଶେଷରେ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ମାଥିଲି ଏବିଏଫ୍ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସରପଞ୍ଚଙ୍କ ଅଭିଯୋଗକୁ ଗ୍ରାମବାସୀଙ୍କ ବିରୋଧ

# ଅଙ୍ଗନବାଡି କର୍ମୀ ସବୁଦିନ କାମ କରୁଛନ୍ତି

କୋଷଗୁମୁଡ଼ା,୭।୪(ସମିସ): ସରପଞ୍ଚଙ୍କ ପର୍ଯ୍ୟବେକ୍ଷଣ ସମୟରେ ଅଙ୍ଗନବାଡି ଦିଦିଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ। ବିଦ୍ୟାଳୟର ଖଡ଼ି ଛୁଆଁ କାର୍ଯ୍ୟକ୍ରମରେ ସରପଞ୍ଚ ଅଙ୍ଗନବାଡି ଦିଦିଙ୍କୁ କାର୍ଯ୍ୟରେ ନାହାନ୍ତି ବୋଲି କହିବାକୁ ନେଇ ଗ୍ରାମବାସୀ ଏହାର ପ୍ରତିବାଦ କରିଛନ୍ତି। ଏଭଳି ବାଦବିବାଦ ହୋଇଛି ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ ଅନ୍ତର୍ଗତ ବଡ଼ଆମ୍ବଡା ପଞ୍ଚାୟତ ଅନ୍ତର୍ଗତ ଅଞ୍ଚଳା ଗ୍ରାମରେ। ଶନିବାର ଦିନ ସ୍ଥାନୀୟ ସରପଞ୍ଚ ଅଞ୍ଚଳା ଅଙ୍ଗନବାଡି କେନ୍ଦ୍ରକୁ ଯାଇଥିଲେ। ସେଠାରେ ଥିବା ଅଙ୍ଗନବାଡି କେନ୍ଦ୍ରରେ ଦିଦି ସଠିକ୍ କାର୍ଯ୍ୟ କରୁନଥିବା ଭଳି ସଙ୍ଗୀନ ଅଭିଯୋଗ ଆଣିବା ସହ ଏକ ୟୁଟ୍ୟୁବ ସୋସିଆଲ ମିଡିଆରେ ଖବର ପ୍ରସାରଣ କରାଇଥିଲେ। ଏହି ଖବର ପ୍ରସାରଣକୁ ଦେଖି ଅଙ୍ଗନବାଡି କର୍ମୀ ଓ ଗ୍ରାମବାସୀ ସମୂହ ଅସନ୍ତୋଷ ପ୍ରକାଶ କରିବା ସହ ଭିତ୍ତିହୀନ ଅଭିଯୋଗ



ବୋଲି କହିଛନ୍ତି। ନିର୍ବାଚିନ ସମୟରେ ହିଁ ଥରେ ଅଞ୍ଚଳା ଗ୍ରାମରେ ସରପଞ୍ଚ ଆସିବାର ଦେଖିଥିଲେ। ନିର୍ବାଚିତ ପରେ ୪ବର୍ଷ ହେଲା ସରପଞ୍ଚ କେବେ ବି କାର୍ଯ୍ୟରେ ଆସିନାହାନ୍ତି । ତେବେ କାହିଁକି ଶନିବାର ଦିନ ଗ୍ରାମରେ ଆସି ଭିତ୍ତିହୀନ ଅଭିଯୋଗ ଆଣିଛନ୍ତି ବୋଲି ସମୂହ ଗ୍ରାମବାସୀ କହିଛନ୍ତି। ଅଙ୍ଗନବାଡି କର୍ମୀ ଓ ରୋଷେୟାଙ୍କୁ ଏହି ଘଟଣା ସମ୍ପର୍କରେ ପଚାରି ବୁଝିବାରୁ ସେ କହିଲେ କି, ସେଦିନ ଖଡିଛୁଆଁ କାର୍ଯ୍ୟକ୍ରମ ଥିବାରୁ ଅଙ୍ଗନବାଡିର ପିଲାମାନଙ୍କୁ ବିଦ୍ୟାଳୟକୁ ନେବା ସହ ଗ୍ରାମର ଭଦ୍ରମଣ୍ଡଳୀଙ୍କ ସହ ବିଦ୍ୟାଳୟରେ ଉପସ୍ଥିତ ଥିଲେ। ଅନ୍ୟ କୌଣସି କାରଣରୁ ଅଙ୍ଗନବାଡି କର୍ମୀ ସୂର୍ଯ୍ୟ କାନ୍ତି ନାୟକ ଗୁରୁବାର ଦିନ ଠାରୁ ଶନିବାର ପର୍ଯ୍ୟନ୍ତ ଛୁଟିରେ ଥିଲେ। କିନ୍ତୁ ନିୟମିତ ଅଙ୍ଗନବାଡି ପିଲାଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ ହେଉଥିଲା। ସେଇ ଛୁଟିରେ ଥାଇ ମଧ୍ୟ ଶନିବାର ଦିନ ନିଜ କେନ୍ଦ୍ରକୁ ଯାଇ ପିଲାଙ୍କୁ ନେଇ ବିଦ୍ୟାଳୟର ଖଡିଛୁଆଁ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ବୋଲି କହିଛନ୍ତି। ଏପଟେ ଗ୍ରାମର ପୂଜାରୀ, ୱାର୍ଡମେମ୍ବର, ବିଦ୍ୟାଳୟର ସଭାପତିଙ୍କ ସହ ଗ୍ରାମର ବହୁ ଲୋକ ଖଡିଛୁଆଁ କାର୍ଯ୍ୟକ୍ରମରେ ଅଙ୍ଗନବାଡି କର୍ମୀ ଉପସ୍ଥିତ ଥିବ ଦେଖିଛନ୍ତି ବୋଲି କହିଛନ୍ତି। ସେଦିନ ଅଞ୍ଚଳା ଗ୍ରାମର ଦୈନୁ ପୂଜାରୀ ,ଚନ୍ଦ୍ରସେନା ଭତ୍ରା,ଭକ୍ତି ଶଙ୍କର ଭତ୍ରା ,ରାମଚନ୍ଦ୍ର ଭତ୍ରା, ନାରାୟଣ ଭତ୍ରା, ଧରମ ଦାସ ଭତ୍ରା, ଗୁରୁବନ୍ଧୁ ମାଝୀ, ମୁକୁନ୍ଦ ଭତ୍ରା,ଲଚିମ ଧର ମାଝୀ, ମଞ୍ଜିତ ଭତ୍ରା, ଗବିନ୍ଦ ଭତ୍ରା, ସଂସାଇ ଭତ୍ରା, ମନକୁ ରାମ ସିରା, ସର୍ବିସ ଭତ୍ରା, ଗଙ୍ଗା ଭତ୍ରା, ଲୋବ ଭତ୍ରା, ସଙ୍ଗ୍ରାମ ଭତ୍ରା, ପୋଡ଼ଲାମ ଭତ୍ରା, କଇନ୍ତା ଭତ୍ରା ପ୍ରମୁଖ ସରପଞ୍ଚଙ୍କ ଅଭିଯୋଗକୁ ଭିତ୍ତିହୀନ ବୋଲି କହିଛନ୍ତି। ଏପଟେ ଏହି ବିଷୟରେ ବଡ଼ଆମ୍ବଡ଼ା ସରପଞ୍ଚ ଶିଶୁପାଳ ରନ୍ଧାରୀଙ୍କୁ ପଚାରିବାରୁ ଗ୍ରାମବାସୀଙ୍କ କଥାକୁ ସିଧାସଳଖ ଖଣ୍ଡନ କରିଛନ୍ତି।

## ଗ୍ରିଲ୍ ଭାଙ୍ଗି ଘରେ ପଶିଲେ ୬ ଡକାୟତ

# ବେକରେ କାତି ଲଗାଇ ଟଙ୍କା, ସୁନା ଲୁଟ୍



ମୁନିଗୁଡା,୮।୪(ସମିସ): ରାୟଗଡ଼ା ଜିଲ୍ଲାରେ ପୁନର୍ବାର ଚାଞ୍ଚଲ୍ୟକର ଡକାୟତି ଘଟଣା ସାମ୍ନାକୁ ଆସିଛି। ଅମ୍ବାଦଲା ଥାନା ଅଧୀନ ହାଟ ଦହିଖାଲ ଗ୍ରାମରେ ମଧ୍ୟରାତ୍ରିରେ ସଶସ୍ତ୍ର ଡକାୟତମାନେ ଜଣେ ବ୍ୟବସାୟୀଙ୍କ ଘରେ ପଶି ପରିବାର ସଦସ୍ୟଙ୍କୁ ଭୟଭୀତ କରି ଲକ୍ଷାଧିକ ଟଙ୍କା ସହ ସୁନା ଅଳଙ୍କାର ଲୁଟି ନେଇଛନ୍ତି। ସୂଚନା ଅନୁଯାୟୀ, ବିଳମ୍ବିତ ରାତିରେ ହାଟ ଦହିଖାଲ ଗ୍ରାମର ବ୍ୟବସାୟୀ ଅଜିତ ସାହୁକାରଙ୍କ ଘରକୁ ପ୍ରାୟ ୬ ଜଣ ଡକାୟତ ମୁହଁରେ ମାସ୍କ ଓ ହାତରେ ଗ୍ଲୋଭ୍ସ ପିନ୍ଧିଥିବା ଅବସ୍ଥାରେ ପଶିଥିଲେ। ଡକାୟତମାନେ ପ୍ରଥମେ ଘରର ଗ୍ରିଲ ଭାଙ୍ଗି ଭିତରକୁ ପଶିଥିଲେ। ପରେ ସେମାନେ ପରିବାର ସଦସ୍ୟଙ୍କ ବେକରେ କାତି ଲଗାଇ ଭୟଭୀତ କରିଥିଲେ। ଜୀବନରେ ମାରିଦେବୁ ବୋଲି ଧମକ ଦେଇ ଘରର ଗଦରେଜ ଭାଙ୍ଗି ୨୦ ଭରି ସୁନା ଅଳଙ୍କାର ଓ ୧୦ ଲକ୍ଷ ନଗଦ ଟଙ୍କା ଲୁଟିନେଇଥିବା ପରିବାର ପକ୍ଷରୁ କୁହାଯାଉଛି। ଘଟଣା ପରେ ସମଗ୍ର ଅଞ୍ଚଳରେ ଭୟର ପରିସ୍ଥିତି ସୃଷ୍ଟି ହୋଇଛି। ଏହି ଘଟଣା ସମ୍ପର୍କରେ ଖବର ପାଇ ଅମ୍ବାଦଲା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ବିଷମ କଟକ ଏସ୍‌ଡିପିଓ ସନ୍ତୋଷିନୀ ଓରାମ, ମୁନିଗୁଡା ଥାନା ଅଧିକାରୀ କେଶବ ଷଡ଼ଙ୍ଗୀଙ୍କ ସମେତ ସାଇଣ୍ଟିଫିକ୍ ଟିମ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ଦିଗରୁ ପ୍ରମାଣ ସଂଗ୍ରହ କରୁଥିବା ସୂଚନା ମିଳିଛି। ଡକାୟତମାନଙ୍କୁ ଧରିବା ପାଇଁ ପୁଲିସ ପକ୍ଷରୁ ଖୋଜଖବର ଜାରି ରହିଛି। ଏହି ଘଟଣା ପରେ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି।

## ● ଡକ୍ଟାଇଲ୍ ଆଇରନ୍ ପାଇପ୍ ଚୋରି ଘଟଣା ପର୍ଦାଫାସ: ୨ ଗିରଫ

# ୮୦ ପାଇପ୍ ଓ ଆଇଚର ଟ୍ରକ୍ ଜବତ



ମୁନିଗୁଡା,୮।୪(ସମିସ): ରାୟଗଡ଼ା ଜିଲ୍ଲା ମୁନିଗୁଡା ପୁଲିସଙ୍କୁ ଏକ ବଡ଼ ସଫଳତା ମିଳିଛି। ଏକ ସଂଗଠିତ ଆନ୍ତରାଜ୍ୟ ଚୋରି ଗ୍ୟାଙ୍ଗକୁ ପର୍ଦାଫାସ କରିଛି ମୁନିଗୁଡା ପୁଲିସ। ସରକାରୀ ପ୍ରକଳ୍ପର ଡକ୍ଟାଇଲ୍ ଆଇରନ୍ ପାଇପ ଚୋରି କରୁଥିବା ଏହି ଗ୍ୟାଙ୍ଗର ଦୁଇଜଣ ସଦସ୍ୟକୁ ପୁଲିସ ଗିରଫ କରିଛି।"ଗିରଫ ଅଭିଯୁକ୍ତମାନେ କଳାହାଣ୍ଡି ଜିଲ୍ଲାର ପରିମଳ ବିଶି ଓ ମିଥୁନ ରାଣା। ଦୁହେଁ ଏକ ସଂଗଠିତ ଆନ୍ତଃରାଜ୍ୟ ଚୋରି ଚକ୍ର ସହିତ ଜଡିତ ଥିବା ପୁଲିସ ପକ୍ଷରୁ କୁହାଯାଇଛି। ତଦନ୍ତରେ ଜଣାପଡ଼ିଛି ଯେ, ଏହି ଗ୍ୟାଙ୍ଗ ଦୀର୍ଘଦିନ ଧରି ରାୟଗଡ଼ା ଜିଲ୍ଲାର ଡାଙ୍ଗସୋରଡା, ହନୁମନ୍ତପୁର, ବିସମକଟକ, ଅମ୍ବାଦୋଳା ଓ ଚନ୍ଦ୍ରପୁର ଅଞ୍ଚଳରେ ସରକାରୀ ଡକ୍ଟାଇଲ୍ ଆଇରନ୍ ପାଇପକୁ ଲକ୍ଷ୍ୟ କରି ଚୋରି କରୁଥିବା ପୋଲିସ ତଦନ୍ତରେ ଜଣାପଡ଼ିଛି। ଗ୍ୟାଙ୍ଗ ସଦସ୍ୟମାନେ ପ୍ରଥମେ ପାଇପ ଷ୍ଟକ୍‌ୟାର୍ଡରେ ଅନୁମାନ କରୁଥିଲେ। ପରେ ରାତିରେ ଟ୍ରକ୍ ଭଡାକୁ ନେଇ ସ୍ଥାନୀୟ ଶ୍ରମିକଙ୍କୁ ଯୋଗାଡ଼ କରି ଅତ୍ୟନ୍ତ ଦ୍ରୁତ ଗତିରେ ପାଇପ ଲୋଡିଂ କରୁଥିଲେ ଏବଂ ସ୍ଥଳ ଛାଡ଼ି ପଳାଇଯାଉଥିଲେ। ଚୋରା ସାମଗ୍ରୀକୁ ତୁମୁଡିବନ୍ଧଭବାନୀପାଟଣା ରୁଟ୍ ଦେଇ ପଶ୍ଚିମ ବଙ୍ଗକୁ ପଠାଯାଉଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ଗତ ୬ ଏପ୍ରିଲ୍ ରାତିରେ ଡାଙ୍ଗସୋରଡା ଅଞ୍ଚଳରେ ଚୋରି ସମୟରେ ମୁନିଗୁଡା ଥାନା ଅଧିକାରୀ କେଶବ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଏକ ପୁଲିସ ଟିମ ଚଢ଼ଉ କରି ୮୦ଟି ଡକ୍ଟାଇଲ୍ ଆଇରନ୍ ପାଇପ ଓ ଗୋଟିଏ ଆଇଚର ଟ୍ରକ୍‌କୁ ଜବତ କରିଛି। ଏଥିରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ଭୁବନ ସହ ଅନ୍ୟ ସଦସ୍ୟମାନଙ୍କୁ ଧରିବା ପାଇଁ ବିଶେଷ ଅଭିଯାନ ଜାରି ରହିଛି। ଚୋରା ସାମଗ୍ରୀ ଉଦ୍ଧାର ଓ ଗ୍ୟାଙ୍ଗକୁ ଧରିବା ପାଇଁ ପୁଲିସ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ମୁନିଗୁଡା ଥାନା ଅଧିକାରୀ କେଶବ ଷଡ଼ଙ୍ଗୀ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି।

# ଦାୟିତ୍ୱ ଗ୍ରହଣ କଲେ ବ୍ଲକ୍ ଅଧ୍ୟକ୍ଷା



## ● ଏକାଠି ହେଲେ ଦୁଇ ବ୍ଲକ୍‌ର ବିଜେଡି କର୍ମୀ

ପଡିଆ,୮।୪(ସମିସ): ମାଲକାନଗିରି ଜିଲ୍ଲା ପଡିଆ ବ୍ଲକର ନୂତନ ଅଧ୍ୟକ୍ଷା ଭାବେ ଦେବେ ମାଡି ନିର୍ବାଚିତ ହେବା ପରେ ଆଜି ସେ ନିଜର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥିପାଇଁ ବ୍ଲକ ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଅନୁଷ୍ଠିତ କରାଯିବା ସହ ପାରମ୍ପରିକ ପଦ୍ଧତିରେ ଶ୍ରୀମତୀ ମାଡି ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ବ୍ଲକ ଅଧ୍ୟକ୍ଷାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ପୂର୍ବରୁ କାଲିମେଳା ବ୍ଲକରେ ୧୦ ବର୍ଷ ଧରି ବ୍ଲକ ଅଧ୍ୟକ୍ଷା ଭାବେ କାର୍ଯ୍ୟର ଅଭିଜ୍ଞତା ରହିଥିବାରୁ ପଡିଆ ବ୍ଲକର୍ ଉନ୍ନତିରେ ଦେବେ ଦାୟିତ୍ୱ ବେଶ ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ଏହି ଅବସରରେ ବିଶେଷ ଅତିଥି ଭାବେ ଯୋଗ ଦେଇ ପୂର୍ବତନ ବିଧାୟକ ମାନସ ମାଡକାମି କହିଛନ୍ତି। ଦେବେଙ୍କ ଏହି ଦାୟିତ୍ୱ ଗ୍ରହଣ ବେଳେ କାଲିମେଳା ଓ ପଡିଆ ଉଭୟ ବ୍ଲକର ଶହେରୁ ଅଧିକ ବିଜେଡି କର୍ମୀ ଉପସ୍ଥିତ ହୋଇଥିବାରୁ ଉଭୟ ପଡୋଶୀ ବ୍ଲକରେ ବ୍ଲକ ଅଧ୍ୟକ୍ଷାଙ୍କୁ ନେଇ ଉତ୍ସାହ ରହିଥିବା କୁହାଯାଉଛି। କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ଚୀନାମ ରାବିଡ଼ କୁମାର, ବରିଷ୍ଠ ବିଜେଡି କର୍ମୀ ଏମଡି ଫାରୁକ, କଲ୍ୟାଣ ବିଶ୍ୱାସ, ମେଷାକ ରବି ମାଦ୍ରୀ, ସନାତନ ବିଶ୍ୱାସ, ସତ୍ୟନାରାୟଣ ମାଝୀ, କେ ଦେବେନ୍ଦ୍ର ରାଓ, ବିଭିନ୍ନ ପଞ୍ଚାୟତର ସମିତି ସଭ୍ୟ ଓ ସଭ୍ୟା ସମେତ ପଡିଆ ଓ କାଲିମେଳା ବ୍ଲକର ଶହେରୁ ଅଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ। ଅନ୍ୟପଟେ ବ୍ଲକ ଅଧ୍ୟକ୍ଷାଙ୍କ ଦାୟିତ୍ୱ ଗ୍ରହଣ ବେଳେ ବ୍ଲକ ପ୍ରଶାସନ ପକ୍ଷରୁ ଏଇଇ ବିଶ୍ବ ମହାପାତ୍ର, ବରିଷ୍ଠ କିରାଣୀ ଦେବା ମାଡକାମିଙ୍କ ସମେତ ଅନ୍ୟମାନେ ପୁଷ୍ପଗୁଚ୍ଛ ଦେଇ ଅଭିବାଦନ ଜଣାଇଛନ୍ତି।

# ଆରୋଗ୍ୟ କେନ୍ଦ୍ରକୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ଦାବି



ମାଥିଲି,୮।୪ (ସମିସ): ରାଜ୍ୟ ସରକାର ଓ କେନ୍ଦ୍ର ସରକାର ବର୍ତ୍ତମାନ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ବର୍ତ୍ତମାନ ବେଶ୍ ଗୁରୁତ୍ୱ ଦେଉଛନ୍ତି। କିନ୍ତୁ ଉପାନ୍ତ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ପାଇଁ ଲୋକେ ମାଇଲ ମାଇଲ ପାହାଡିଆ ରାସ୍ତା ଅତିକ୍ରମ କରିବା ପରେ ମିଳୁଛି ସ୍ୱାସ୍ଥ୍ୟ ସେବା। ବର୍ଷା ଦିନ ହେଲେ ତ କାମ ସରିଲା। ବର୍ଷା ସମୟରେ ଝରଣାରେ ପାଣି ଆସିଲେ ଲୋକେ ସ୍ୱାସ୍ଥ୍ୟ ସେବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାର ଦୃଶ୍ୟ ଦେଖିବାକୁ ମିଳେ। ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ କର୍ତ୍ତନପାଲ୍ଲୀ ପଞ୍ଚାୟତ ସଦର ମହକୁମା ଠାରେ ଏକ ଆରୋଗ୍ୟ କେନ୍ଦ୍ରରେ। ଯାହା ଉପରେ କର୍ତ୍ତନ ପାଲ୍ଲୀ ପଞ୍ଚାୟତ ଓ ପଡୋଶୀ କୋରାପୁଟ ଜିଲ୍ଲାର ସହିଦ ଲକ୍ଷ୍ମଣ ନାୟକ ଗାଁ ତଥା ତେନ୍ତୁଳି ଗୁମ୍ମା ପଞ୍ଚାୟତର ଲୋକ ନିର୍ଭରଶୀଳ। ଏହି ଦୁଇ ପଞ୍ଚାୟତର ଲୋକଙ୍କର ଅଧିକ ସ୍ୱାସ୍ଥ୍ୟ ସେବା ଆବଶ୍ୟକ, ତେବେ ସେମାନେ ୧୫ ରୁ ୨୦ କିଲୋମିଟର ଦୂରରେ ଥିବା କିଆଙ୍ଗ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। ଆହୁର ଅଧିକ ସ୍ୱାସ୍ଥ୍ୟସେବା ପାଇଁ ବଣ ପାହାଡ଼ ପାର ହୋଇ ଦୀର୍ଘ ୫୦ ରୁ ୬୦ କିଲୋମିଟର ପାର ହୋଇ ମାଥିଲି ଉପଖଣ୍ଡ ଚିକିତ୍ସାଳୟକୁ ଆସିଥାନ୍ତି। କର୍ତ୍ତନ ପାଲ୍ଲୀ ପଞ୍ଚାୟତ ସଦର ଗ୍ରାମରେ ଥିବା ଆରୋଗ୍ୟ କେନ୍ଦ୍ର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ମାନ୍ୟତା ପାଇଲେ କିଛି ନହେଲେ ଜଣେ ଡାକ୍ତର ରହିବେ । ବାକି ଅନେକ ସ୍ୱାସ୍ଥ୍ୟ କର୍ମଚାରୀ ରହିବେ। ତେବେ ଦୁଇଟି ପଞ୍ଚାୟତର ଜନସାଧାରଣ ସ୍ୱାସ୍ଥ୍ୟସେବା ନିକଟରେ ପାଇପାରିବେ। ଉପାନ୍ତ ଅଞ୍ଚଳରେ ସ୍ୱାସ୍ଥ୍ୟସେବାର ସୁଧାର ଆସି ପାରିବ ବୋଲି ଅଞ୍ଚଳବାସୀ ମତ ପ୍ରକାଶ କରିଛନ୍ତି। ଗତ ବର୍ଷା ସମୟରେ କର୍ତ୍ତନ ପାଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ଗୋଗାପଦର ଗ୍ରାମର ଜଣେ ନାବାଳକକୁ ସାପ ଦଂଶନ କରିବା ପରେ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ। କିନ୍ତୁ ସେହି ଗ୍ରାମକୁ ରାସ୍ତା ନଥିବାରୁ ଆମ୍ବୁଲାନ୍ସ ଯାଇ ପାରିଲା ନାହିଁ। ପରିବାର ଓ ଗ୍ରାମବାସୀ ନାବାଳକକୁ ଭାରରେ ବୋହି ଆମ୍ବୁଲାନ୍ସ ପାଖକୁ ଆଣି ମାଥିଲି ଉପଖଣ୍ଡ ଚିକିତ୍ସାଳୟକୁ ଆଣିବା ବେଳକୁ ବିଳମ୍ବ ହୋଇ ଯାଇଥିଲା। ଯଦି କର୍ତ୍ତନ ପାଲ୍ଲୀରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଥାନ୍ତା ତାହେଲେ ଗୋଟିଏ ଜୀବନ ବଞ୍ଚି ଯାଇଥାନ୍ତା । ଉପାନ୍ତ ଅଞ୍ଚଳ କର୍ତ୍ତନ ପାଲ୍ଲୀ ଆରୋଗ୍ୟ କେନ୍ଦ୍ର କୁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ମାନ୍ୟତା ପାଇଲେ କର୍ତ୍ତନ ପାଲ୍ଲୀ ପଞ୍ଚାୟତ ସହିତ ପଡୋଶୀ କୋରାପୁଟ ଜିଲ୍ଲା ସହିଦ ଲକ୍ଷ୍ମଣ ନାୟକ ଗାଁ ତଥା ତେନ୍ତୁଳିଗୁମ୍ମା ପଞ୍ଚାୟତର ଲୋକମାନେ ସ୍ୱାସ୍ଥ୍ୟ ସେବା ପାଇ ପାରିବେ ବୋଲି ବହୁ ବୁଦ୍ଧିଜୀବୀ ମାନେ ମତ ପ୍ରକାଶ କରିଛନ୍ତି। ଜିଲ୍ଲା ପ୍ରଶାସନ ଏହାକୁ ଗୁରୁତର ସହ ନେଇ କର୍ତ୍ତନ ପାଲ୍ଲୀ ଆରୋଗ୍ୟ କେନ୍ଦ୍ରକୁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ମାନ୍ୟତା ଦେବା ପାଇଁ ମାଥିଲି ବ୍ଲକ ପୂର୍ବତନ ଅଧ୍ୟକ୍ଷ ତ୍ରିନାଥ ଭୂମିଆ, ସରପଞ୍ଚ ଗୁର ନାୟକ,ପୂର୍ବତନ ସରପଞ୍ଚ ଫୁଲମତି ଜିରାମ ଓ ଗୋପୀ ନାୟକଙ୍କ ସମେତ ଅଞ୍ଚଳବାସୀ ଦାବି କରିଛନ୍ତି।

# ନଦୀକୁ ଡେଇଁ ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

ରାୟଗଡ଼ା,୮।୪(ସମିସ): ଗତକାଲି ରାୟଗଡା ସହରର ମା'ମଝିଘରିଆଣୀ ମନ୍ଦିର ନିକଟସ୍ଥ ପୋଲରୁ ଝଞ୍ଜାବତୀ ନଦୀକୁ ଡେଇଁ ନିଖୋଜ ଥିବା ବ୍ୟକ୍ତି ରଂଜିତ କୁମାର ସାହୁଙ୍କ ମୃତଦେହକୁ ଆଜି ସକାଳୁ ଉଦ୍ଧାର କରିଛି ରାୟଗଡ଼ା ଅଗ୍ନିଶମ ବାହିନୀ। ନଦୀର ତଳ ମୁଣ୍ଡରେ ଆଜି ସକାଳୁ ପୁଣି ଅଗ୍ନିଶମ ବାହିନୀ ପକ୍ଷରୁ ଖୋଜାଖୋଜି ଚାଲିଥିବା ବେଳେ ଏକ ପଥର ନିକଟରେ ମୃତହେଦ ଠାବ କରାଯାଇଥିଲା। ପରେ ମୃତଦେହକୁ ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି। ତେବେ ସେ କେଉଁ କାରଣରୁ ଗତକାଲି ସକାଳ ସମୟରେ ପୋଲ ଉପରୁ ଝଞ୍ଜାବତୀ ନଦୀକୁ ଡେଇଁ ଆତ୍ମହତ୍ୟା କରିଥିଲେ ତାହା ସ୍ପଷ୍ଟ ହୋଇ ନାହିଁ। ରଂଜିତ ଜଣେ ମେଳାପି, ମିଷ୍ଟଭାଷୀ,ଶାନ୍ତି ସ୍ୱଭାବର ବ୍ୟକ୍ତି ରହିଥିବାରୁ ତାଙ୍କର ଅକାଳ ବିୟୋଗ ସମସ୍ତଙ୍କୁ ସ୍ତବ୍ଧ କରି ଦେଇଛି।

# ସେଣ୍ଟ ଜାଭିୟର ହାଇସ୍କୁଲର ବାର୍ଷିକ ଉତ୍ସବ




ସେମିଲିଗୁଡ଼ା,୮।୪(ସମିସ): କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ସତ୍ୟନଗରସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲର ୩ୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ସେମିଳିଗୁଡ଼ା ତହସିଲଦାର ଦେବବ୍ରତ କରାତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀ ମାନେ ଭଲ ଭାବେ ପାଠ ପଢ଼ିବା ସହ ଭଲ ମଣିଷ ହୋଇ ସମାଜ ପ୍ରତି ସେମାନଙ୍କ କର୍ତ୍ତବ୍ୟ ପାଳନ କରିବା ପାଇଁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ନିର୍ଦ୍ଦେଶକ ଶିବ ଚରଣ ପାଣି, ସମ୍ପାଦିକା ସୁଜାତା ପାଣି, ବରିଷ୍ଠ ଶିକ୍ଷାବିତ୍ ଡ. ଚିତ୍ତରଞ୍ଜନ ମିଶ୍ର, ସମାଜସେବୀ ସ୍ନିଗ୍ଧାରାଣୀ ମିଶ୍ର, ଶେଖ ଇବ୍ରାହିମ, ଭରତ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବୈପାରିଗୁଡା ଓଏଭିର ବରିଷ୍ଠ ଶିକ୍ଷକ ସଞ୍ଜୟ ପାଳ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ ଗଠନ ନେଇ ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସ୍କୁଲ ଅଧ୍ୟକ୍ଷା ଶାହେଦା ପରୱିନ ବାର୍ଷିକ ବିବରଣୀ ପଠନ କରି ସ୍କୁଲର ବହୁ ବିଧ କାର୍ଯ୍ୟକ୍ରମ ଓ ଛାତ୍ରଛାତ୍ରୀ ଙ୍କ ପ୍ରଗତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ମାନେ ଟ୍ରଫି ସହ ମାନପତ୍ର ପ୍ରଦାନ କରିଥିଲେ। ଛାତ୍ର ଛାତ୍ରୀ ମାନେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ମେରୀ ଜସିନ୍ତା ନାୟକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ସୁକାନ୍ତି ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ନିରୁପମା ସୁଆର, ପାୟଲ ଖରା ,ରାଜଶ୍ରୀ ପଣ୍ଡା, ଦିବ୍ୟା ଅଗ୍ରୱାଲ, ଗୀତାଞ୍ଜଳି ସେଠି, ବିଷ୍ଣୁପ୍ରିୟା ଶତପଥି, ନନ୍ଦିନୀ ବେହେରା , ପ୍ରିୟଙ୍କା ମହାନ୍ତି, ସୁନୀତା ସେଠି, ମମତା ମାନଶିଙ୍ଗା, ଶିବାନୀ ବିଶ୍ୱାଳ ଓ ଝରଣା ପଟ୍ଟନାୟକ, ରଞ୍ଜୀବ ନାୟକ ସହଯୋଗ କରିଥିଲେ।

## ନୂତନ ଉପ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟରେ ଯୋଗଦାନ

ମାଲକାନଗିରି, ୮।୪(ସମିସ): ମାଲକାନଗିରି ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ମାଲକାନଗିରି ଜିଲ୍ଲାରେ ୬ଜଣ ନୂତନ ଉପ ବିଭାଗୀୟ ଅଧିକାରୀ ଏବଂ ୧୨ ଜଣ ବରିଷ୍ଠ ରାଜସ୍ୱ ସହାୟକ ଆଜି କାର୍ଯ୍ୟରେ ଯୋଗଦାନ କରିଛନ୍ତି। ମାଲକାନଗିରି ବ୍ଲକର ଉପ ବିଭାଗୀୟ ଅଧିକାରୀ ଭାବେ ପ୍ରଶାନ୍ତ କୁମାର ପୃଷ୍ଟି, ଜିଲ୍ଲା ସମନ୍ୱିତ ଆଦିବାସୀ ବିକାଶ ବିଭାଗରେ ଟୁକୁନା ପଡିଆରୀ, ଜିଲ୍ଲାପାଳଙ୍କ ନିଜାରତ ବିଭାଗରେ ବି ଏଙ୍କେଟ ରାଓ, ଜି ଏଣ୍ଡ ଏମ ବିଭାଗରେ ବାଣୀକିଂକର ପଟ୍ଟନାୟକ, ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଶଶୀ ଶେଖର ଶେଠୀ, ମାଲକାନଗିରି ତହସିଲରେ ବୀର ପ୍ରସାଦ ପଟ୍ଟନାୟକ କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେହିପରି ୧୨ ଜଣ ବରିଷ୍ଠ ରାଜସ୍ୱ ସହାୟକ ପଦୋନ୍ନତି ପାଇଁ ବିଭିନ୍ନ କାର୍ଯ୍ୟାଳୟରେ କାର୍ଯ୍ୟରେ ଯୋଗଦାନ କରିଛନ୍ତି।

# ରାୟଗଡ଼ା-ଜେକେପୁର ରାସ୍ତା ଶୋଚନୀୟ



ରାୟଗଡ଼ା,୮।୪(ସମିସ): ରାୟଗଡ଼ା ଜିଲ୍ଲା ଦେଇ ଯାଇଥିବା ୩୨୬ ନଂ ଜାତୀୟ ରାଜପଥର ଅବସ୍ଥା ଦିନକୁ ଦିନ ଦୟନୀୟ ହୋଇପଡିଛି। ରାସ୍ତାଭରି ଖାଲଢିପ ସୃଷ୍ଟି ହେଉଥିବାରୁ ଯାତାୟାତ କରିବା ଦୁର୍ଲଭ ହୋଇପଡିଛି। ରାୟଗଡ଼ା-ଜେକେପୁର ମୁଖ୍ୟ ରାଜପଥରେ ଏବେ ଅନେକ ସ୍ଥାନରେ ଖାଲି ବଡ଼ ବଡ଼ ଖାଲ ହେଉଥିବାରୁ ଗାଡି ଚାଳକମାନେ ଗାଡି ଚାଳନା ସମୟରେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଦୁଇ ଚକିଆ, ତିନ ଚିକିଆରୁ ଆରମ୍ଭ କରି କାର, ଜିପ, ଟ୍ରକ, ବସ ଆଦି ବଡ ଯାନ ମଧ୍ୟ ଏହି ରାସ୍ତାରେ ଯିବା ସମୟରେ ଗାତଗୁଡିକ ଯୋଗୁଁ ଏବଂ କାଳବୈଶାଖୀରେ ବର୍ଷା ପ୍ରଭାବରେ ଏହି ଖାଲଗୁଡିକ ପାଣିରେ ଭରି ଯାଉଥିବାରୁ ଗାଡି ଚାଳକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତିଦିନ ଏହି ରାସ୍ତାରେ ଶତାଧିକ ସଂଖ୍ୟାରେ ଗାଡି ଯାତାୟାତ କରୁଥିବା ବେଳ ଖରାପ ରାସ୍ତା ଯୋଗୁଁ ଦୁର୍ଘଟଣାର ସମ୍ଭାବନା ବଢି ଯାଇଛି। ଅନେକ ଗାଡି ଖାଲରେ ଜୋରରେ ପଡୁଥିବାରୁ ଗାଡିଗୁଡିକର ଯନ୍ତ୍ରାଂଶ ମଧ୍ୟ ଅଳ୍ପ ଦିନରେ ଖରାପ ହେଉଥିବା ଅଭିଯୋଗହେଉଛି। ବାଇକ୍‌ରେ ଯାଉଥିବା ଲୋକଙ୍କ ପାଇଁ ଏହା ସିଧା ଯମଦ୍ୱାର ବୋଲି କହୁଛନ୍ତି। କେତେକ ସ୍ଥାନରେ ବଡ ବଡ ଖାଲ ଯୋଗୁଁ ଏବଂ ରାସ୍ତା ଫାଟି ଆଁ କରିଥିବା ଯୋଗୁଁ ଚାଳକମାନଙ୍କୁ ଏହା ମୃତ୍ୟୁମୁଖକୁ ଠେଲି ନେଉଛି। ଦୀର୍ଘ ଦିନ ଧରି ଏହି ଜାତୀୟ ରାଜପଥର ରାୟଗଡ଼ା-ଜେକେପୁର ମୁଖ୍ୟ ରାସ୍ତା ମରାମତି ହେଉ ନ ଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ସ୍ଥାନୀୟ ଲୋକେ ଏହି ରାସ୍ତାର ଶୀଘ୍ର ମରାମତି ନ କଲେ ଆଗାମୀ ଦିନରେ ବଡ ଦୁର୍ଘଟଣା ଘଟିବା ସମ୍ଭାବନା ରହିଛି। ତେଣୁ ଜାତୀୟ ରାଜପଥ ବିଭାଗୀୟ ଅଧିକାରୀ ତଥା ପ୍ରଶାସନ ଏହାକୁ ଗୁରୁତ୍ୱ ଦେଇ ଶୀଘ୍ର ରାସ୍ତା ମରାମତି କାମ କରିବାକୁ ଦାବି ହୋଇଛି। ଏ ନେଇ ବିଭାଗୀୟ ଯନ୍ତ୍ରୀଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

# ଜନଗଣନା ପାଇଁ ପ୍ରଶିକ୍ଷଣ

ଟିକିରି,୮।୪(ସମିସ): ରାୟଗଡା ଜିଲ୍ଲା କାଶୀପୁର ଉଚ୍ଚ ବିଦ୍ୟାଳୟରେ ଜନଗଣନା ପାଇଁ ମାର୍ଚ୍ଚ ୧୯ ଠାରୁ ଏପ୍ରିଲ ୦୫ ତାରିଖ ପର୍ଯ୍ୟନ୍ତ ପ୍ରଶିକ୍ଷଣ ଦିଆଯାଇଅଛି। ମୋଟ ୩୩୨ ଜଣ ଶିକ୍ଷକ ୪ ଟି ପର୍ଯ୍ୟାୟ ରେ ଏଥିରେ ପ୍ରଶିକ୍ଷିତ କରାଯାଇଛି। ଏହି ଜନଗଣନା ପ୍ରଶିକ୍ଷଣ କାର୍ଯ୍ୟ ଚାର୍ଜ-କମ-ଜନଗଣନା ଅଧିକାରୀ ଅନୁପମ ଆଚାର୍ଯ୍ୟ , ତହସିଲଦାର, ଅତିରିକ୍ତ ଚାର୍ଜ ଜନଗଣନା ଅଧିକାରୀ କାର୍ତ୍ତିକ ଦୋରା ପରିଚାଳିତ କରିଥିଲେ। ଏଥିରେ ବିଇଓ କାର୍ଯ୍ୟାଳୟର ଦିପକ ରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ କୁ ତୁଲାଇଥିଲେଏହି ପ୍ରଶିକ୍ଷଣ କାର୍ଯ୍ୟ ରେ ଫିଲ୍ଡଦିପକ ରଞ୍ଜନ ମହାନ୍ତି, କୃଷ୍ଣଚନ୍ଦ୍ର ପଣ୍ଡା, କୁଞ୍ଜବିହାରୀ ମେହେର, ବିଜୟଲକ୍ଷ୍ମୀ ଜେନା ପ୍ରଶିକ୍ଷଣ ଦେଇଥିଲେ। ସେମାନେ ପୂର୍ବରୁ ଜିଲାପାଳ ଙ୍କ କାର୍ଯ୍ୟାଳୟରୁ ରୁ ତାଲିମ ନେଇଥିଲେ। ୨୫୮ ଜଣ ଏନୁମୁରେଟର, ୨୬ଜଣ ରିଜର୍ଭ ଏନୁମୁରେଟର, ୪୩ ଜଣ ସୁପରଭାଇଜର, ୫ଜଣ ରିଜର୍ଭ ସୁପରଭାଇଜରଙ୍କୁ ସବିଶେଷ କିପରି ଜନଗଣନା କରାଯିବ, କେଉଁ ପ୍ରଶ୍ନ କିପରି ପଚାରିବେ, କେଉଁ ବିଷୟ ପ୍ରତି ଧ୍ୟାନ ଦେବେ ଏବଂ ଜନଗଣନା ସମ୍ବନ୍ଧିତ ବିଭିନ୍ନ ଅର୍ଟିକଲ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି ଜନଗଣନା ସମ୍ପୂର୍ଣ୍ଣ ରୂପେ ଡିଜିଟାଲ ହେଉଥିବାରୁ ମୋବାଇଲ୍ ଆପ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା।

# ନବରଙ୍ଗପୁର ମହାବିଦ୍ୟାଳୟରେ ରକ୍ତଦାନ ଶିବିର




ନବରଙ୍ଗପୁର,୮।୪(ସମିସ) : ନବରଙ୍ଗପୁର ମହାବିଦ୍ୟାଳୟ ପରିସରରେ ଓଡ଼ିଆ ପକ୍ଷ ୨୦୨୬ ପାଳନ ଅବସରରେ ଜିଲ୍ଲାସ୍ତରୀୟ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରକ୍ତଦାନ କରୁଥିବା ପ୍ରତ୍ୟେକ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ଓ ଜନସାଧାରଣ ରକ୍ତଦାତାଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ବୁଝିଥିଲେ। ବିଧାୟକ ନିଜ ବକ୍ତବ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଏକ ମହତ କାର୍ଯ୍ୟ ଏବଂ ଏହାର ଆବଶ୍ୟକତା ସବୁବେଳେ ରହିଛି ବୋଲି କହିଥିଲେ। ଶିବିରରେ ନବରଙ୍ଗପୁର ଉପ-ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ମହାବିଦ୍ୟାଳୟର ଅଧ୍ୟକ୍ଷ ଡି. ଗୋବିନ୍ଦ ରାଓ, ପ୍ରାଧ୍ୟାପକ ପ୍ରବୀଣ ବେହେରା, ପ୍ରାଧ୍ୟାପିକା ସଙ୍ଗୀତା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏନ୍‌ଏସ୍‌ଏସ୍ କୋର୍ଡିନେଟର ତଥା ଅଧ୍ୟାପିକା ଅନୁପମା ମାଝୀ, ପ୍ରାଧ୍ୟାପକ ଦିଲୀପ ହୋତା , ପ୍ରାଧ୍ୟାପକ ଶମ୍ଭୁ ପ୍ରସାଦ ହୋତା , ପ୍ରାଧ୍ୟାପକ ରହିମ ଖୁରା,ଏନ୍‌ସିସି ଏବଂ ରେଡକ୍ରସ ଛାତ୍ରଛାତ୍ରୀ , ସ୍ୱାସ୍ଥ୍ୟ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ନବରଙ୍ଗପୁର ମହାବିଦ୍ୟାଳୟରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ମୋଟ ୨୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ସଂସ୍କୃତି ବିଭାଗ ସହକାରୀ କର୍ମଚାରୀ ଆର୍ତ୍ତ ପ୍ରକାଶ ସାହୁ ଏହି ଶିବିରର ସମନ୍ୱୟ ଏବଂ ଦସ୍ତାବିଜ୍ କାର୍ଯ୍ୟରେ ପ୍ରମୁଖ ସହାୟତା କରିଥିଲେ। ରକ୍ତ ସଂଗ୍ରହ ଅଭିଯାନ ଆସନ୍ତା ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ଜାରି ରହିବ। ସେହିପରି ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ୩୪ ୟୁନିଟ୍ ଏବଂ ରାଇଘର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

# ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ସାମିଲ ହେବେ ତିରିଶି ହଜାର ପରିବାର




ବୈପାରୀଗୁଡ଼ା,୮।୪(ସମିସ): ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଘୋଷଣା ପରେ ବୈପାରୀଗୁଡାରେ ଉତ୍ସାହ ଦେଖିବାକୁ ମିଳିଛି। ବୈପାରୀଗୁଡା ବ୍ଲକରେ ତିରିଶି ହଜାର ୩୬ ପରିବାର ଯୋଜନାର ଲାଭ ଉଠାଇବେ ବୋଲି ଜଣାପଡିଛି। ସ୍ଥାନୀୟ ଯୋଗାଣ ନିରୀକ୍ଷକ ସନ୍ତୋଷ ବେହେରାଙ୍କ ସୂଚନା ଅନୁଯାୟୀ, ବ୍ଲକରେ ୨୦ଟି ପଞ୍ଚାୟତ ରହିଥିବା ବେଳେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଅଧିନସ୍ଥ ମୋଟ ତିରିଶି ହଜାର ୩୬ ପରିବାର ରହିଥିବା ବେଳେ ୯୪ ହଜାର ଛଅ ଶହ ୯୪ ସଦସ୍ୟ ଅଛନ୍ତି । ସେମାନଙ୍କ ପାଇଁ ୫୮ ହଜାର କ୍ୱିଣ୍ଟାଲ ଚାଉଳ ଆସୁଛି । ବ୍ଲକରେ ୩୦ଟି ଚାଉଳ ବିତରଣ କେନ୍ଦ୍ର ରହିଛି । ଖାଦ୍ୟ ସୁରକ୍ଷା ଯୋଜନା ବଞ୍ଚିତ ହିତାଧିକାରୀଙ୍କୁ ଖୋଜା ଚାଲିଛି । ସେମାନଙ୍କୁ ସାମିଲ କୋରାଯାଉଛି। ଜୁଲାଇ ୨୦୨୫ ଠାରୁ ଆଜି ପର୍ଯ୍ୟନ୍ତ ବ୍ଲକରେ ମୋଟ ତିନି ହଜାର ଚାଉଳ କାର୍ଡ ପ୍ରଦାନ କରାଯାଇଛି। ଆଗକୁ ମଧ୍ୟ ଏଭଳି ସଂଯୋଗ ଜାରି ରହିବ। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ସ୍ଥାନୀୟ କୋଟପାଡ଼ ବିଧାୟକ ପ୍ରତିନିଧି ସିଏଚ ପ୍ରଭାକର ରାଓ ଏବଂ ନବରଙ୍ଗପୁର ସାଂସଦ ପ୍ରତିନିଧି ନରେନ୍ଦ୍ର କାନ୍ଦିଲିଆ ।

# ଗରିବ ଆଦିବାସୀ ଶ୍ରମିକଙ୍କ ମଜୁରୀ ଖାଇଗଲେ ସରକାରୀ ବାବୁ !

ମାଥିଲି,୮।୪ (ସମିସ): ବନ ବିଭାଗର କାମ୍ପା ଯୋଜନାରୁ ଦିନକୁ ଦିନ ପଦାରେ ପଡିଛି ମହାଦୁର୍ନୀତିର ସତ। ଯୋଜନା ଆଳରେ ବାବୁଙ୍କ ପକେଟ ଗରମ ହୋଇଛି। ଯୋଜନାରୁ ତ ଅର୍ଥ ଲୁଟନ୍ତି, କିନ୍ତୁ ମଜୁରି ଲାଗି କାମ କରୁଥିବା ଶ୍ରମିକଙ୍କ ପେଟ କାଟି ମଧ୍ୟ ଅର୍ଥ ହଡ଼ପ କରନ୍ତି ସରକାରୀ ବାବୁ। ସରକାରୀ ଧାର୍ଯ୍ୟ ପାରିଶ୍ରମିକ ବାବଦରେ ମିଳେନି ବନ ବିଭାଗର ଶ୍ରମିକଙ୍କୁ ଅର୍ଥ। ଓଲଟା ଆସିଥିବା ଅର୍ଥକୁ ଶ୍ରମିକଙ୍କ ଜରିଆରେ ଉଠାଇ ବାବୁ ନେଇଯାଆନ୍ତି ବଳକା ଟଙ୍କା। ଏପରି ଏକ ଅଭିଯୋଗ ସାମ୍ନାକୁ ଆସିଛି ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲା ମାଥିଲି ବନଅଞ୍ଚଳ ଅଧିନ କୁଲାବେଡା ଗାଁର ଭାଟିଗୁଡାରୁ । ପୁଣି ପଦାରେ ପଡିଛି ସାଂଘାତିକ ସତ। ବନ ବିଭାଗରେ ଶ୍ରମିକ ଭାବେ ନିୟୋଜିତ ନିରୀହ ଶ୍ରମିକଙ୍କ ମଜୁରୀ ଅର୍ଥକୁ ମଧ୍ୟ ଛାଡିଲାନି ବନ ବିଭାଗ। ଦୈନିକ ପାରିଶ୍ରମିକ ବାବଦରେ ସରକାରୀ ଧାର୍ଯ୍ୟ ଅନୁସାରେ ଅଣକୁଶଳୀ ଶ୍ରମିକ ମହିଳା ଏବଂ ପୁରୁଷ ମାନଙ୍କୁ ୪୬୨ ଟଙ୍କା ଯୋଗାଇ ଦିଆଯାଏ। କିନ୍ତୁ ଶ୍ରମିକଙ୍କୁ ବିଭାଗର ବାବୁ ନିୟୋଜିତ କରି ଦୈନିକ ମହିଳାଙ୍କୁ ୨୫୦ ଏବଂ ପୁରୁଷଙ୍କୁ ୩୦୦ ଟଙ୍କା ଦିଆଯାଏ। ବ୍ୟାଙ୍କ ପାସବୁକରେ ଶ୍ରମିକଙ୍କ ଖାତାକୁ ଆସିଥିବା ସମସ୍ତ ବଳକା ଟଙ୍କା ତାଙ୍କ ଜରିଆରେ ହିଁ ଉଠାଇ ବାବୁ ନିଅନ୍ତି ସବୁ ଅର୍ଥ। ଚାରାରୋପଣରେ ଶ୍ରମିକ ହୋଇ କାମ କରିଥିବା ଗ୍ରାମର ପାର୍ବତୀ ଖିଲ ଏପରି ସାଙ୍ଘାତିକ ଅଭିଯୋଗ କରିଛନ୍ତି। ସେହିପରି ଲକ୍ଷ୍ମୀ ମାଝି ମଧ୍ୟ ସମାନ ଅଭିଯୋଗ ଆଣିଛନ୍ତି। ସୂଚନା ଅନୁଯାୟୀ ୨୦୨୪-୨୫ ଆର୍ଥିକ ବର୍ଷରେ କୁଲାବେଡାର ଭାଟିଗୁଡା ଗାଁରେ ଏଏନଆରରେ ୩୦ ହେକ୍ଟର ଅର୍ଥାତ ୭୫ ଏକର ଜମିରେ ଚାରାରୋପଣ ହୋଇଥିବା କାଗଜପତ୍ର କହୁଛି। କିନ୍ତୁ ତୃଣମୂଳ ସ୍ତରରେ ସମ୍ପୂର୍ଣ୍ଣ ଭିନ୍ନ ଦେଖିବାକୁ ମିଳିଛି। ପ୍ରଥମେ ପ୍ରକଳ୍ପ ଆରମ୍ଭ ଦିନରୁ ମାତ୍ର ୫ ହଜାର ଚାରାରୋପଣ କରିବାରୁ ୧୫ ହଜାର ଚାରାରୋପଣ କରିଥିବା ବୋର୍ଡରେ ଦର୍ଶାଇଥିବା ଅଭିଯୋଗ ଉଠିଛି। ଚାରାର ସୁରକ୍ଷା ପାଇଁ ବାଡ଼ର ବ୍ୟବସ୍ଥା ନ ଥିବାବେଳେ ଆବଶ୍ୟକୀୟ ଚାରା ମଧ୍ୟ ଉଭାନ ହୋଇଯାଇଛି। ଓଲଟା କାମରେ କୈଣସି ଦୁର୍ନୀତି ହୋଇନଥିବା ବନ ବିଭାଗର ଜଗୁଆଳି ସୋମନାଥ ମାଝୀ ଓ ବଳଦେବ ପୂଜାରୀ ସ୍ପଷ୍ଟ କରୁଛନ୍ତି। ମାଲକାନଗିରି ଜିଲା ମାଥିଲି ବନାଞ୍ଚଳରେ ଏହି ଗୋଟିଏ କଥା ନୁହଁ, ବରଂ କାମ୍ପା ନାଁରେ କୋଟି କୋଟି ଟଙ୍କା ଘୋଟାଲାର ଚିତ୍ର ସାମ୍ନାକୁ ଆସିଛି। ଏହି ବିଷୟରେ ବନ ବିଭାଗର ବନପାଳ ପବିତ୍ର ମୋହନ ଦାସଙ୍କୁ ପଚାରିବାରୁ ଶ୍ରମିକମାନଙ୍କୁ ଅଧା ମଜୁରୀ ଦିଆଯିବା କଥାକୁ ସ୍ୱୀକାର କରିଛନ୍ତି। ଶ୍ରମିକ ମାନେ ମହୁଲ ଓ ନିଜର ଘର କାର୍ଯ୍ୟ ଶେଷ କରି ବିଳମ୍ବରେ କାର୍ଯ୍ୟରେ ଯୋଗ ଦିଅନ୍ତି, ମାତ୍ର ଚାରି ଘଣ୍ଟା କାର୍ଯ୍ୟ କରିବା ପରେ ଘରକୁ ଫେରି ଯାଇଥାନ୍ତି । ସେଥିପାଇଁ ମହିଳା ମାନଙ୍କୁ ୨୫୦ ଓ ପୁରୁଷ ଶ୍ରମିକ ମାନଙ୍କୁ ୩୦୦ ଟଙ୍କା ଲେଖାଏଁ ଦିଆ ଯାଇଛି। ପ୍ରଶ୍ନ ଉଠୁଛି ଏହି ଅର୍ଥ ତ ଶ୍ରମିକ ମାନଙ୍କ ବ୍ୟାଙ୍କ ଖାତାକୁ ଯିବା କଥା । କିନ୍ତୁ ବାବୁ ଜଣଙ୍କ କିପରି ଚଞ୍ଚକତା କରି ଆଦିବାସୀ ମାନଙ୍କ ଆଖିରେ ଅନ୍ଧ ପୁଟୁଳି ବାନ୍ଧି ଅର୍ଥ ହଡ଼ପ କରିଛନ୍ତି, ଉଚ୍ଚ ସ୍ତରୀୟ ତଦନ୍ତ ହେଲେ ସବୁ ସାମ୍ନାକୁ ଆସିବ ବୋଲି କୁହାଯାଉଛି। ଜିଲ୍ଲା ପ୍ରଶାସନ ଏହାକୁ ଗୁରୁତର ସହ ନେଇ ତୁରନ୍ତ ତଦନ୍ତ କରି ଦୁର୍ନୀତି କରିଥିବା ବିଭାଗୀୟ ଅଧିକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

